# ବୀମା କର୍ମଚାରୀ
BIMA KARMACHARI

QUARTERLY JOURNAL OF CDIEA, SDLIEA, BDIEA, BDLIEA & OSGIEA

ତ୍ରୟୋଦଶ ବର୍ଷ | ଚତୁର୍ଥ ସଂଖ୍ୟା | ଅକ୍ଟୋବର ୨୦୧୬



**ଉପଦେଷ୍ଟା ମଣ୍ଡଳୀ**
ଗଜେନ୍ଦ୍ର ନାଥ ମହାନ୍ତି
ସତ୍ୟବ୍ରତ ଦତ୍ତଗୁପ୍ତ
ରାଜୀବ ଲୋଚନ ଦାଶ
ନୀଳ ମାଧବ ରଥ
ଚନ୍ଦ୍ର ମୋହନ ହାଇବ୍ରୁ
କୃଷ୍ଣଚନ୍ଦ୍ର ବେହେରା

**ସମ୍ପାଦନା ମଣ୍ଡଳୀ**
ମାନଗୋବିନ୍ଦ ବାରିକ
ତ୍ରିନାଥ ଦୋରା
ଅମୂଲ୍ୟ ପ୍ରସାଦ ମେହେର
ସତ୍ୟବ୍ରତ ପଟ୍ଟନାୟକ
ମାନସ ରଞ୍ଜନ ପଟ୍ଟନାୟକ
ରଞ୍ଜିତ୍ ରାଉତ୍

**ସଂପାଦକ**
ସନ୍ତୋଷ କୁମାର ମହାପାତ୍ର

**ସହ ସଂପାଦକ**
ଅଭୟ କୁମାର ଦାସ

**ପରିଚାଳକ**
ଧନେଶ୍ୱର ନାୟକ

**ସହକାରୀ ପରିଚାଳକ**
ରବି ନାରାୟଣ ଆଚାର୍ଯ୍ୟ



ଯୋଗାଯୋଗ
ସତ୍ୟବ୍ରତ ଦତ୍ତଗୁପ୍ତ
☎: 9437273225


**ଏହି ସଂଖ୍ୟାରେ...**


- କଳାଧନ ଉଦ୍ଧାରର
- ସେମାନଙ୍କ ଦୃଷ୍ଟିରେ
- ବେକାରୀର କୋହ
- ହୀରକ ଜୟନ୍ତୀ
- ନଭେମ୍ବର ବିପ୍ଳବ
- ଲଢ଼େଇର ଏହି କାହାଣୀ
- ଚିନ୍ତାହୀନ ପଦକ୍ଷେପ
- ସର୍ଜିକାଲ୍ ଆକ୍ରମଣରେ
- ମେକ୍ ଇନ୍ ଇଣ୍ଡିଆ


*ସଂପାଦକୀୟ.........................*

## କଳାଧନ ଉଦ୍ଧାରର ପ୍ରହେଳିକା

ଦୂର୍ନୀତି ଓ କଳାଟଙ୍କା ଆଜିର ଘଟଣା ନୁହେଁ । ଏହା ବହୁଦିନର ଘଟଣା ଏବଂ ବିଶ୍ୱବ୍ୟାପୀ ଦେଖିବାକୁ ମିଳିଥାଏ । ଆମ ଦେଶରେ ଏହାର ପରିମାଣ ବହୁ ଅଧିକ । ମଣିଷ ଅନୈତିକ ଉପାୟରେ ନିଜ ଅଭିପ୍ସା, ଅଭିଳାସ ପୂରଣ ପାଇଁ ଯେତେବେଳେ ଚେଷ୍ଟାକରେ ସେତେବେଳେ ଦୂର୍ନୀତି ଓ କଳାଟଙ୍କା କାରବାର ବୃଦ୍ଧିପାଏ । ଗତ ନଭେମ୍ବର ୮ତାରିଖରେ କଳା ଟଙ୍କା ଓ ଜାଲ୍‌ନୋଟ୍ ପ୍ରସାର ରୋକିବା ପାଇଁ ସରକାର ଯେଉଁ ୫୦୦ ଏବଂ ୧୦୦୦ ଟଙ୍କିଆ ଅଚଳ କଲେ (ଯାହାକୁ ବିମୁଦ୍ରିକରଣ ବା ଡିମନିଟାଇଜେସନ୍ କୁହାଯାଏ) ତାହା ଉପରକୁ ଦେଖିଲେ ଏକ ସୁନ୍ଦର ପଦକ୍ଷେପ ପରି ଦେଖାଯାଉଛି । କିନ୍ତୁ ପ୍ରଶ୍ନ ଉଠୁଛି ହଠାତ୍ ସରକାର କାହିଁକି ତରବରିଆ ହୋଇ ଏହି ପଦକ୍ଷେପ ନେଲେ । କିନ୍ତୁ ବେଶୀ କ୍ଷତିଗ୍ରସ୍ତ ଓ ହଇରାଣ ହରକତ ହୋଉଛନ୍ତି ସାଧାରଣ ଜନତା । ଲୋକଙ୍କ କ୍ରୟଶକ୍ତି ହ୍ରାସ ପାଇଛି । ଏହା କଳାଟଙ୍କା ରୋକିବାରେ କେତେ ସଫଳ ହେବ ତାହାକୁ ନେଇ ପ୍ରଶ୍ନ ଉଠିଲାବେଳେ ଏହାର କୁ ପ୍ରଭାବ ଅର୍ଥନୀତିକୁ ମାନ୍ଦାବସ୍ଥାକୁ ଠେଲିଦେଇଛି । ଅର୍ଥନୈତିକ କାର୍ଯ୍ୟକଳାପ ହ୍ରାସ ପାଇବା ସହିତ ଅଭିବୃଦ୍ଧି ହ୍ରାସ ପାଇବାର ଆଶଙ୍କା ଦେଖା ଦେଇଛି । ଲାଭ ଅପେକ୍ଷା କ୍ଷତିର ପରିମାଣ ଅଧିକ ହେବ ବୋଲି କେହି ଦ୍ୱିମତ ହେବେ ନାହିଁ । ଅସଲ କଥା ହେଉଛି ସରକାର ତରବରିଆଭାବେ ଏପରି ପଦକ୍ଷେପ ନେବା ପଛରେ ଅର୍ଥନୈତିକ ଲକ୍ଷ୍ୟ ହାସଲ ଅପେକ୍ଷା ରାଜନୈତିକ ସ୍ୱାର୍ଥ ଅଧିକ ନିହିତ ଅଛି ।

ଲୋକସଭା ନିର୍ବାଚନ ପୂର୍ବରୁ ମୋଦି ଭାରତୀୟମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ପ୍ରଧାନମନ୍ତ୍ରୀ ହେଲାପରେ ବିଦେଶରେ ଥିବା କଳାଧନକୁ ଫେରାଇ ଆଣିବା ସହିତ ପ୍ରତ୍ୟେକ ଲୋକ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଜମା କରିବାର ବ୍ୟବସ୍ଥା କରିବେ । କିନ୍ତୁ ଏହା କରିବାରେ ସେ ସମ୍ପୂର୍ଣ୍ଣ ବିଫଳ ହୋଇ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଥିଲା । ଏଣୁ କଳାଟଙ୍କା ଫେରାଇ ଆଣିବାର ବିଫଳତା ସାଙ୍ଗକୁ ଉତ୍ତର ପ୍ରଦେଶର ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ନିଜକୁ କଳାଧନ, ଦୂର୍ନୀତି ବିରୋଧୀ ବୋଲି ଜନମାନସରେ ଏକ ଚିତ୍ର ସୃଷ୍ଟି କରିବା ପାଇଁ ସେ ଏପରି ପଦକ୍ଷେପ ନେଇଛନ୍ତି । ଏଠାରେ ସ୍ୱତଃ ପ୍ରଶ୍ନ ଉଠେ ଯଦି ମୋଦି ବିମୁଦ୍ରିକରଣ ମାଧ୍ୟମରେ ଜାଲନୋଟ ଏବଂ କଳାଟଙ୍କା ରୋକିବା ପାଇଁ ଉଚିତ୍ ମନେକଲେ ତେବେ ୨୦୧୪ରେ କଂଗ୍ରେସ ତରଫରୁ ସେହି ପ୍ରକାର ଏକ ଯୋଜନାକୁ ବିଜେପି କାହିଁକି ବିରୋଧ କରିଥିଲା । ଏହି ଯୋଜନାକୁ କାର୍ଯ୍ୟକରିବା ପୂର୍ବରୁ ଯଦିଓ ଗୋପନ ରଖାଯାଇଥିଲା ବୋଲି ସରକାର କହୁଛନ୍ତି, ବାସ୍ତବରେ ବିଜେପିର କିଛି ଜାଣିଥିଲେ । ଅଭିଯୋଗ ଉଠିଛି ବିମୁଦ୍ରିକରଣର ଠିକ୍ କିଛି ଦିନ ପୂର୍ବରୁ ପଶ୍ଚିମ ବଙ୍ଗର ବିଜେପି ଆକାଉଣ୍ଟରେ ୩ କୋଟି ଟଙ୍କା ଜମା କରାଯାଇଛି । ଯେଉଁଦିନ ପ୍ରଧାନମନ୍ତ୍ରୀ ଏହି ଯୋଜନା ଘୋଷଣା କଲେ ସେହିଦିନ ଘୋଷଣାର ଅଳ୍ପ ସମୟପୂର୍ବରୁ ୧ କୋଟି ଟଙ୍କା ଜମା କରାଯାଇଛି ବୋଲି କିଛି ସମ୍ବାଦପତ୍ରରେ ପ୍ରକାଶ ପାଇଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ସେହିଦିନ ରାତି ୮ଟାରେ ୪୦ ଲକ୍ଷ ଜମା ହୋଇଛି ।

ବିମୁଦ୍ରିକରଣ ଯୋଜନାରେ ସାଧାରଣ ଜନତା ଅସ୍ତବ୍ୟସ୍ତ ହେଲାବେଳେ କର୍ଣ୍ଣାଟକରେ ଏକ ବିଭାଘରରେ କଳାଟଙ୍କାର ଖର୍ଚ୍ଚ ସେମାନଙ୍କ କଟାଘାରେ ଚୂନ ଭରି ଦେଇଛି । ସୂଚନାଯୋଗ୍ୟ ନିକଟରେ ବିଜେପି ନେତା ପୂର୍ବତନ ମନ୍ତ୍ରୀ ଜନାର୍ଦ୍ଦନ ରେଡ୍ଡୀ ତାଙ୍କ ଝିଅ ବିଭାଘରରେ ୫୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ଅଭିଯୋଗ ହୋଇଛି । ଶ୍ରୀ ରେଡ୍ଡୀ ଅବୈଧ ଖଣି କାରବାର ପାଇଁ ୪୦ ମାସ ଜେଲ୍‌ରେ ରହିବା ପରେ ବର୍ତ୍ତମାନ ବେଲ୍‌ରେ ଆସିଛନ୍ତି । ଏସବୁ ସତ୍ତ୍ୱେ ସେହି ବିଭାଘରରେ ରାଜ୍ୟ ବିଜେପିର ବରିଷ୍ଠ ନେତୃତ୍ୱମାନେ ଯୋଗ ଦେବା କ'ଣ ବିଜେପିର କଳାଟଙ୍କା ବିରୋଧୀ ଅଭିଯାନ ଏକ ଛଳନା ବୋଲି କ'ଣ ପ୍ରମାଣିତ କରୁନି । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ୮ ଲକ୍ଷ କୋଟିରୁ ଉର୍ଦ୍ଧ୍ୱଟଙ୍କା ଋଣ ଯାହା ଅନାଦେୟ ହୋଇପଡ଼ିଛି ଏବଂ ଯାହା ଯୋଗୁଁ ବ୍ୟାଙ୍କମାନଙ୍କ ଆର୍ଥିକ ସ୍ଥିତି ନିମ୍ନମୁଖୀ ହୋଇଛି, ସେ ଋଣକୁ କିପରି ଉଦ୍ଧାର କରାଯିବ ସେଥିପାଇଁ ସରକାର ପଦକ୍ଷେପ ନେବା ପରିବର୍ତ୍ତେ ଋଣ ରାଇଟ ଅଫ୍ କରିବା ପାଇଁ କହୁଛନ୍ତି । କେବଳ ଭାରତୀୟ ଷ୍ଟେଟବ୍ୟାଙ୍କ୍ ୭୦୧୬ କୋଟି ଟଙ୍କା ଋଣ ରାଇଟ୍ ଅଫ୍ କରିଛି । ଯେଉଁଥିରେ ବିଜୟ ମାଲ୍ୟଙ୍କର ୧୨୦୦ କୋଟି ଟଙ୍କା ରହିଛି । ଉପା ସରକାର ଅମଳରେ ୨୦୧୧ରେ ସୁଇସ୍ ବ୍ୟାଙ୍କ୍ କଳାଧନ ରଖିଥିବା ୬୪୮ ଜଣଙ୍କର ତାଲିକା ପ୍ରଦାନ କରିଥିଲା । ଉପା ସରକାର ଏହାକୁ ଲୋକଲୋଚନକୁ ଆଣି ପଦକ୍ଷେପ ନେବାରେ ବିଫଳ ହୋଇ ବିଜେପି ଦ୍ୱାରା ସମାଲୋଚିତ ହୋଇଥିଲେ । କିନ୍ତୁ ମୋଦି ଯଦି କଳାଟଙ୍କା ଉଦ୍ଧାର ପାଇଁ ପ୍ରକୃତରେ ଇଚ୍ଛୁକ ତେବେ ଏହି ୬୪୮ ଜଣଙ୍କର ନାମ ଘୋଷଣା କରିବା ସହିତ ତାଙ୍କ ଉପରେ ପଦକ୍ଷେପ କାହିଁକି ନେଲେ ନାହିଁ । ପୁନଶ୍ଚ ପାନାମା ପେପରରେ ଯେଉଁ ୫୦୦ ଜଣଙ୍କର ନାମ ରହିଛି, ସେ ବିଷୟରେ ସରକାର କାହିଁକି ପଦକ୍ଷେପ ନେଉନାହାଁନ୍ତି ।

ବାସ୍ତବରେ ଦୂର୍ନୀତି ଓ କଳାଟଙ୍କା କାରବାର ପଛରେ ଏକ ପ୍ରମୁଖ କାରଣ ରହିଛି ତାହା ହେଉଛି କ୍ରୋନି କ୍ୟାପିଟାଲିଜିମ୍ ବା ଅନ୍ତରଙ୍ଗ ପୁଞ୍ଜିବାଦ ବୃଦ୍ଧି ପାଇବା । ଯେଉଁ ନୀତିରେ କମ୍ପାନୀମାନେ ସରକାରଙ୍କ ବିଭିନ୍ନ କାର୍ଯ୍ୟକଳାପରେ ହସ୍ତକ୍ଷେପ କରି ଦେଶର ସମ୍ପତ୍ତି ଲୁଟ କରିବା ସହଜ ହେଉଛି । ଉଦାହରଣ ସ୍ୱରୂପ ଜୋସେଫ ତାଙ୍କ ଏକ ପୁସ୍ତକ 'ଦି ହିଡ଼େନ୍ ବିଜିନେସ୍ ଅଫ୍ ଡେମୋକ୍ରାସି ଇନ୍ ଇଣ୍ଡିଆ'' ରେ ଉଲ୍ଲେଖ କରିଛନ୍ତି ଯେ ମୋଦିଙ୍କ ଘନିଷ୍ଠ ତଥା ଗୁଜରାଟର ଶିଳ୍ପପତି ଗୌତମ ଆଦାନୀ ଟ୍ୟାକ୍ସ ହାଭେନରେ ୫୦୦୦କୋଟି ଟଙ୍କା ରଖିଛନ୍ତି । କିନ୍ତୁ ମୋଦି ଜାଣି ମଧ୍ୟ କିଛି ପଦକ୍ଷେପ ନେଉ ନାହାଁନ୍ତି । ଲୋକ ସଭା ନିର୍ବାଚନ ପୂର୍ବରୁ ମୋଦି ତାଙ୍କ ହେଲିକପ୍ଟର ବ୍ୟବହାର କରୁଥିଲେ ବୋଲି ମଧ୍ୟ ଅଭିଯୋଗ ହୋଇଛି । ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ଦିଲ୍ଲୀ ବିଧାନ ସଭାରେ ଅଭିଯୋଗ କରିଛନ୍ତି ଯେ ବିରଲାଗ୍ରୁପର କାର୍ଯ୍ୟନିର୍ବାହୀ ଶୁଭେନ୍ଦୁ ଅମିତାଭ ୧୨ ନଭେମ୍ବର ୨୦୧୨ରେ ମୋଦିଙ୍କୁ ୧୨୪ କୋଟି ଟଙ୍କା ଦେଇ ଟିକସ ରିହାତି ପାଇଛନ୍ତି । ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲା ବେଳେ ସାହାରାଗ୍ରୁପ ତାଙ୍କୁ ୫୫ କୋଟି ଟଙ୍କା ଦେଇଛି ବୋଲି ଦେଶର ସର୍ବଶ୍ରେଷ୍ଠ ଗବେଷଣାତ୍ମକ ଜର୍ଣ୍ଣାଲ **EPW** ୧୯ ନଭେମ୍ବର ୨୦୧୬ରେ ସମ୍ପାଦକ ପ୍ରଶ୍ନ ଉଠାଇଛନ୍ତି । ମୋଦି ମଧ୍ୟ ଲୋକପାଳ ଆଇନକୁ କାର୍ଯ୍ୟକାରୀ କରିବାକୁ ଅନିଚ୍ଛୁକ । ପରୋକ୍ଷରେ ସେ ଦୂର୍ନୀତି କଳାଟଙ୍କାର ପ୍ରସାର ଏକ କଳାଧନ ବିଦେଶକୁ ଯିବାର ପ୍ରକ୍ରିୟାକୁ ସମର୍ଥନ କଲାବେଳେ ଜନସାଧାରଣଙ୍କ ସମ୍ମୁଖରେ କଳାଟଙ୍କା ବିରୋଧୀ ଭାବେ ନିଜକୁ ପ୍ରତିପାଦନ କରିବାର ଛଳନା କରୁଛନ୍ତି ।

*ଅଭିନନ୍ଦନ ସହ*

ସନ୍ତୋଷ କୁମାର ମହାପାତ୍ର

# ସେମାନଙ୍କ ଦୃଷ୍ଟିରେ ଫିଡ଼େଲ କାଷ୍ଟ୍ରୋ

ତୁମେ ମତେ ନିନ୍ଦା କର କିଛି ଫରକ୍ ପଡ଼ିବନି । ଇତିହାସ ମତେ ଦୋଷମୁକ୍ତ କରିବ । ଏକଦା ଦୀର୍ଘ ଚାରିଘଣ୍ଟା ବକ୍ତୃତା ଦେବାପରେ ଏଇ ଶେଷ ସ୍ମରଣୀୟ ବାକ୍ୟ ଥିଲା କ୍ୟୁବାର ମହାନ୍ ବିପ୍ଳବୀ ସାମ୍ୟବାଦୀ ନେତା ଫିଡ଼େଲ କାଷ୍ଟ୍ରୋଙ୍କର, ଯାହାଙ୍କ ପରଲୋକ ଘଟିଛି ନବେ ବର୍ଷ ବୟସରେ । ଫିଡ଼େଲଙ୍କ ପାଇଁ ବିଶ୍ୱନେତାଙ୍କ ମଧ୍ୟରେ କେବଳ ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନକରାତ୍ମକ ମତ ରଖିଛନ୍ତି । ଆମେରିକାର କେତେକ ମହଲରେ ଖୁସିର ଲହରୀ ବି ଖେଳିଛି, ମାତ୍ର ସେ ଶୋଷିତ, ନିଷ୍ପେସିତ, ନିପୀଡ଼ିତଙ୍କ ପାଇଁ ଜଣେ ସର୍ବକାଳୀନ ମହାନାୟକ, ସେଥିରେ ସନ୍ଦେହର ଅବକାଶ ନାହିଁ ।

ଅଦ୍ୱିତୀୟ ରାଜନୀତିଜ୍ଞ ଓ କୁଟନୀତିଜ୍ଞ ଫିଡେଲ କାଷ୍ଟ୍ରୋଙ୍କ ମୃତ୍ୟୁ ସାମ୍ୟବାଦୀ ଓ ଗଣତନ୍ତ୍ର ବିଶ୍ୱାସୀଙ୍କ ମଧ୍ୟରେ ଶୋକ ସୃଷ୍ଟି କରିଥିବାବେଳେ ପୁଞ୍ଜିବାଦ ସମର୍ଥକ ଖୁସି ହୋଇଛନ୍ତି । ବୋଧହୁଏ ବେଶି ଖୁସି ହୋଇଛନ୍ତି ଡୋନାଲ୍ଡ ଟ୍ରମ୍ପ । ତାହା ତାଙ୍କ କଥାରୁ ଜଣାପଡୁଛି । ତାଙ୍କ ଭାଷାରେ, 'ଜଣେ ବର୍ବର ଏକଛତ୍ରବାଦୀର ମୃତ୍ୟୁ' । କଠୋରପନ୍ଥୀ ଟ୍ରମ୍ପଙ୍କ ପାଖରୁ ଏଭଳି ଶବ୍ଦ ଅବଶ୍ୟ ଅପ୍ରତ୍ୟାଶିତ ନୁହେଁ । ଅତୀତରେ ରାଷ୍ଟ୍ରପତି ବରାକ ଓବାମା କ୍ୟୁବା ସହ ସମ୍ବନ୍ଧ ସୁଧାରିବାକୁ ଚେଷ୍ଟା କରିଥିଲେ, ଯାହାକୁ ଫିଡେଲ ବିରୋଧ କରି ନଥିଲେ । ଟ୍ରମ୍ପ କିନ୍ତୁ ସେପରି କରିବେ ନାହିଁ, ତାହା ନିଧାର୍ଯ୍ୟ । ତେବେ ମିଳିତ ଜାତିସଂଘ ମହସଚିବ ବାନ କୀ ମୁନ୍‌ଙ୍କ ଶବ୍ଦ ବେଶ୍ ଉଲ୍ଲେଖନୀୟ । ସେ କହିଛନ୍ତି, ଫିଡେଲ ଜାତିସଂଘରେ ସାମାଜିକ ନ୍ୟାୟର ଏକ ଶକ୍ତିଶାଳୀ ସ୍ୱର ଥିଲେ ।'' ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ଜେକବ ଜୁମାଙ୍କ ମତରେ, ''କାଷ୍ଟ୍ରୋ ସାରା ପୃଥିବୀର ଶୋଷିତ ଲୋକଙ୍କ ସ୍ୱାଧୀନତାର ସ୍ୱରକୁ ଉତ୍ତୋଳନ କରି ଆସୁଥିଲେ ।'' ଭାରତ ସମେତ ଚୀନ, ରୁଷିଆ, ଫ୍ରାନ୍ସ ଆଦିର ରାଷ୍ଟ୍ରମୁଖ୍ୟମାନେ ଫିଡ଼େଲଙ୍କୁ ଜଣେ ବିପ୍ଳବୀ ରାଜନେତା ଓ ଗୋଟିଏ ଯୁଗର ପ୍ରତୀକ ବୋଲି ଚିତ୍ରଣ କରିଛନ୍ତି । ଭାରତ ଓ ଭାରତୀୟ ନେତୃବର୍ଗଙ୍କୁ ଫିଡ଼େଲ ସର୍ବଦା ସମ୍ମାନ କରିବା ସହ ଉତ୍ତମ ସମ୍ବନ୍ଧ ରଖିଆସିଥିଲେ । ଶେଷରେ ବର୍ତ୍ତମାନର ଆମେରିକୀୟ ରାଷ୍ଟ୍ରପତି ବରାକ ଓବାମା ଯାହା କହିଛନ୍ତି, ତାହା ଦ୍ୱନ୍ଦ୍ୱଯୁକ୍ତ ହେଲେ ମଧ୍ୟ କମ ଗୁରୁତ୍ୱପୂର୍ଣ୍ଣ ନୁହେଁ । ସେ କହିଛନ୍ତି, ''ବିଶ୍ୱ ଉପରେ କାଷ୍ଟ୍ରୋଙ୍କ ବୃହତ ପ୍ରଭାବର ନିଷ୍ପତ୍ତି ଇତିହାସ କରିବ ।'' ନିଜେ ଫିଡ଼େଲ ଅବଶ୍ୟ ବହୁ ପୂର୍ବରୁ ଓବାମାଙ୍କ ସନ୍ଦେହ ମୋଚନ କରି କହିଛନ୍ତି ଯେ କେତେକଙ୍କ ପାଇଁ ନିନ୍ଦନୀୟ ହେଲେ ବି ଇତିହାସ ତାଙ୍କୁ ଦୋଷମୁକ୍ତ କରିବ । ଏ ଦୃଢ଼ ବିଶ୍ୱାସ ଓ ଅଙ୍ଗୀକାରବଦ୍ଧତା ହିଁ ଫିଡେଲଙ୍କୁ ମହାନ୍ କରି ରଖିବ ।

ଗୋଟିଏ କ୍ଷୁଦ୍ର ଦ୍ୱୀପର ଏହି ଡେଙ୍ଗାବ୍ୟକ୍ତି ଜଣକ ଆନ୍ତର୍ଜାତିକ ରାଜନୀତି ଓ ରାଜନେତାଙ୍କ ଉପରେ ଯେଭଳି ପ୍ରଭାବ ବିସ୍ତାର କରିଥିଲେ, ତାହା ଅତୁଳନୀୟ ଏବଂ ଅକଳ୍ପନୀୟ । ସାରା ଜୀବନ ଜଣେ ବିପ୍ଳବୀର ଭୂମିକା ନିର୍ବାହ କରିଆସିଥିବା ଫିଡ଼େଲ ପୁଞ୍ଜିବାଦ ଓ ପୁଞ୍ଜିବାଦୀଙ୍କର ଯେମିତି ଶତ୍ରୁ ପାଲଟି ଥିଲେ, ସେ ଯଦି ଚତୁର, କୁଶଳୀ, ସଂଗ୍ରାମୀ ଯୋଦ୍ଧା ତଥା ଅଦମନୀୟ ସାହସର ଅଧିକାରୀ ହୋଇ ନ ଥାନ୍ତେ, କେବେଠୁ ତାଙ୍କୁ ହତ୍ୟା କରାଯାଇଥାଆନ୍ତା । ଆମେରିକା ତାଙ୍କୁ ଛଅ ଶହରୁ ଅଧିକ ଥର ହତ୍ୟା କରିବାକୁ ଚେଷ୍ଟା କରିଛି; ଅଥଚ ସେ ସବୁବେଳେ ଅପରାଜେୟ ଭାବେ ମୁକୁଳି ଯାଇଥିଲେ । କେବଳ ସେତିକି ନୁହେଁ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଭାବେ କ୍ୟୁବାରେ ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ଧରି ତାଙ୍କ ଶାସନ କାଳରେ ଆମେରିକାକୁ ସର୍ବଦା ନିଜ ହୁଙ୍କାରରେ ଥରାଇ ଦେଉଥିଲେ । ସେଠାକାର ଦଶ ଜଣ ରାଷ୍ଟ୍ରପତିଙ୍କୁ ବି କେବେ ପାସଙ୍ଗରେ ପକାଉ ନ ଥିଲେ । ଗଣତନ୍ତ୍ରର ଗୁଣଗାନ କରି ସାମ୍ରାଜ୍ୟବାଦକୁ ପ୍ରୋତ୍ସାହନ ଯୋଗାଇବାରେ କୁଣ୍ଠିତ ନ ଥିବା ଆମେରିକାକୁ ସେତେବେଳେ ପ୍ରବଳ ଧକ୍କା ଲାଗିଥିଲା, ଯେତେବେଳେ ସ୍ୱସମର୍ଥିତ ସ୍ୱେଚ୍ଛାଚାରୀ ଶାସକ ଫୁଲ୍‌ଜେନ୍‌ସିଓ ବାତିସ୍ତାଙ୍କୁ ଗାଦିଚ୍ୟୁତ କରି ଫିଡ଼େଲ ଏକଦଳୀୟ ସାମ୍ୟବାଦ ଶାସନର ଭିତ୍ତି ସ୍ଥାପନ କଲେ । ତା' ପରଠାରୁ କ୍ୟୁବାବାସୀ ତାଙ୍କ ଭିତରେ ଜଣେ ବିପ୍ଳବୀ ଅଥଚ ଦରଦୀ ଜନନେତାଙ୍କୁ ହିଁ ଅନୁଭବ କରିଆସିଥିଲେ; ସେମାନେ ତାଙ୍କ ହୃଦୟର ସହ



ଆପଣାର ପ୍ରିୟନେତା ଭାବେ ଗ୍ରହଣ କରିଥିଲେ । ବିଶ୍ୱର ଖୁବ୍ କମ୍ ନେତାଙ୍କୁ ସେପରି ସୌଭାଗ୍ୟ ମିଳିଛି ।

ଯେଉଁ ସମୟରେ ବିଶ୍ୱର ବିଭିନ୍ନ ଦେଶରେ କମ୍ୟୁନିଷ୍ଟ ଶାସନର ଅନ୍ତ ଘଟୁଥିଲା, ସେହି ସମୟରେ ବି ସେ ଅଟଳ ରହି ନିଜ ଦେଶ ଚିନ୍ତାରେ ବ୍ରତୀ ଥିଲେ । ଆମେରିକାର ଆର୍ଥିକ କଟକଣା ସମେତ ଯାବତୀୟ ପ୍ରକାରର ଦମନକୁ ଭ୍ରୁକ୍ଷେପ ନ କରି ଦେଶର ନବ ନିର୍ମାଣ କାର୍ଯ୍ୟରେ ଲାଗିଥିଲେ । ସେ ସର୍ବଦା କହୁଥିଲେ ଯେ କ୍ୟୁବାର ଆର୍ଥିକ ସଂକଟ ପଛରେ ଗୋଟିଏ ହିଁ କାରଣ ରହିଛି, ତାହା ହେଲେ ଲଗାମଛଡ଼ା ପୁଞ୍ଜିବାଦ । ଏହାକୁ ହଟାଇବାକୁ ହେଲେ କେବଳ ଜନବିପ୍ଳବ ଏକାନ୍ତ ଆବଶ୍ୟକ । ତାଙ୍କୁ ଅନେକ ମାର୍କ୍ସବାଦୀ, ସାମ୍ୟବାଦୀ କହୁଥିଲେ ହେଁ ସେ ନିଜେ ବହୁଥର ନିଜର ଭାଷଣରେ କହୁଥିଲେ ଯେ, ଦେଶରେ ସାମ୍ୟବାଦ କି ମାର୍କ୍ସବାଦ ନାହିଁ, ବରଂ ଏଭଳି ଏକ ଗଣତନ୍ତ୍ର ଅଛି ଯେଉଁଥିରେ ସମସ୍ତଙ୍କ ପାଇଁ ପ୍ରତିନିଧିତ୍ୱର ସ୍ୱାଧୀନତା ରହିଛି । ସେ ଆମେରିକା ଭଳି ବିଶାଳ ଶକ୍ତିକୁ ଆହ୍ୱାନ କରିବା ସହ ନିଜ ଦେଶକୁ ଯେଭଳି ବିକଶିତ କରି ଆଣିଥିଲେ, ତାହା ଅସାଧାରଣ । ବିଶେଷ କରି ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଜରୁରୀ ଜନମଙ୍ଗଳ କ୍ଷେତ୍ରଗୁଡ଼ିକରେ ତାଙ୍କ ସୁଶାସନର ଉପଲବ୍ଧି ଓ ପରୋକାଷ୍ଠା କେବଳ ତୃତୀୟ ବିଶ୍ୱର ଦେଶଗୁଡ଼ିକ ପାଇଁ ନୁହେଁ, ଆମେରିକା ସମେତ ପାଶ୍ଚାତ୍ୟର ଅନେକ ବିକଶିତ ଦେଶ ପାଇଁ ମଧ୍ୟ ଈର୍ଷଣୀୟ ପାଲଟି ଥିଲା । କ୍ୟୁବାର ମାଗଣା ସ୍ୱାସ୍ଥ୍ୟସେବାଏତେ ଲୋକଗ୍ରାହୀ ଓ ଜନମଙ୍ଗଳକାରୀ ଯେ ତାହା ପ୍ରତ୍ୟେକ ଦେଶ ପାଇଁ ଅନୁକରଣୀୟ । ସେଠାକାର ଶିଶୁ ମୃତ୍ୟୁହାର ବିକଶିତ ଦେଶଙ୍କ ସହ ସମାନ । ସାକ୍ଷରତା ହାର ଆମେରିକାଠାରୁ ମଧ୍ୟ ଉପରେ ।

ସୌଜନ୍ୟ : ସମ୍ପାଦକୀୟ, ସମାଜ

❖ ❖ ❖



# ବେକାରୀର କୋହ

ଅମାନୁଲ୍ଲା ଖାନ୍, ସଭାପତି, AIIEA

ବାରାଣସୀ ମୁନିସିପାଲ୍ କର୍ପୋରେସନ୍ ପାଇଁ ଆବଶ୍ୟକ ୯୧୫ ଝାଡୁଦାର ପଦବୀ ନିମନ୍ତେ ବିଜ୍ଞାପନ ଭିତ୍ତିରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଆବେଦନକାରୀଙ୍କ ମଧ୍ୟରୁ ସ୍ନାତକ ଓ ତଦୁର୍ଦ୍ଧ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀଙ୍କ ସଂଖ୍ୟା ୬୭୦୦, ଯାହା ମଧ୍ୟରେ ବେଶ କିଛି ବୈଷୟିକ, ଏମବିଏ ଶିକ୍ଷାପ୍ରାପ୍ତ ପ୍ରାର୍ଥୀ ଅର୍ନ୍ତଭୁକ୍ତ ଅଛନ୍ତି ! ଏହିପରି ଚମକପ୍ରଦ ଖବର ଜନମାନସକୁ ଆନ୍ଦୋଳିତ କରିବା ପରି ଲାଗୁନାହିଁ ବରଂ ଭାରତୀୟ ଅର୍ଥନୀତି ଓ ସମାଜର ଚିରାଚରିତ ଧାରା ଭାବରେ ଗ୍ରହଣୀୟ ହୋଇଗଲାଣି ।

ଦେଶର ଦୟନୀୟ ବେକାରୀ ଅବସ୍ଥା ଏଭଳି ବିସ୍ଫୋରକ ସ୍ତରକୁ ଗଲାଣି ଯେ ଭାରତୀୟ ସମାଜ ବିସ୍ଫୋଟିତ ହୋଇ ଖଣ୍ଡ ବିଖଣ୍ଡିତ ହେବାକୁ ଆଉ ବେଶି ଡେରି ହେବ ନାହିଁ । ଜାତି ସଂଘ ଉନ୍ନୟନ ଯୋଜନା ତଥ୍ୟ ଅନୁଯାୟୀ ଦେଶର ବେକାରୀ ଅବସ୍ଥାକୁ ନିୟନ୍ତ୍ରଣରେ ରଖିବାକୁ ହେଲେ ୨୦୫୦ ମସିହା ସୁଦ୍ଧା ୨୮୦ ନିୟୁତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ହେବ । କାରଣ ଦେଶର ୧୫ ରୁ ୨୪ ବର୍ଷ ଯୁବପିଢ଼ୀଙ୍କ ମଧ୍ୟରୁ ୨୦ ଶତକଡ଼ା ଅର୍ଥାତ୍ ୪.୭ କୋଟି ଯୁବକ / ଯୁବତୀ ବେକାର ଅଛନ୍ତି ବୋଲି ୨୦୦୧ ମସିହା ଜନଗଣନା ସୁଚାଉଅଛି । ପ୍ରତ୍ୟେକ ବର୍ଷ ୧୦ ନିୟୁତ ଯୁବବର୍ଗ ବେକାର ବାହିନୀରେ ସାମିଲ ହେଉଛନ୍ତି, ଯାହାକି ଆଗାମୀ ଦୁଇ ବର୍ଷ ମଧ୍ୟରେ ୧୭.୬ ନିୟୁତକୁ ଅତିକ୍ରମ କରିବ ।

ସେହି ୨୦୦୧ ଜନଗଣନା ତଥ୍ୟ ପ୍ରକାଶ କରୁଛି ଯେ, ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ହାର ୭.୭ ଶତାଂଶ ଥିବା ବେଳେ ନିଯୁକ୍ତି ହାର ୧.୮ ପ୍ରତିଶତ ରହିଥିଲା ଅର୍ଥାତ୍ ଉତ୍ପାଦିକା ଶକ୍ତି ବଢ଼ିଚାଲିଥିବା ବେଳେ ନିଯୁକ୍ତି କ୍ରମଶଃ ହ୍ରାସ ପାଇଚାଲିଛି । ସରକାରୀ କ୍ଷେତ୍ରରେ ନିଯୁକ୍ତି ୧୯.୫ ନିୟୁତରୁ (୧୯୯୬-୯୭) ହ୍ରାସ ପାଇ ଆଜି ୧୭ ନିୟୁତରେ ପହଞ୍ଚିଲାଣି ଏବଂ ଯାନ୍ତ୍ରୀକରଣ ପରିପ୍ରକ୍ଷୀରେ ଆଗାମୀ କିଛି ବର୍ଷ ମଧ୍ୟରେ ୬.୪ ଲକ୍ଷ ପଦବୀ ଅବଲୁପ୍ତ ହେବା ନିଶ୍ଚିତ । ଏହି ଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତୀୟ ଅର୍ଥନୀତି ମୁକାବିଲା କରିବା ଅବସ୍ଥାରେ ନାହିଁ । ଏହାର ଏକମାତ୍ର କାରଣ ହେଉଛି ଯେ ଅର୍ଥନୀତିର ଉନ୍ନତି ପାଇଁ ଉଦାରୀକରଣ ଏକମାତ୍ର ମହୌଷଧି ବୋଲି ଆମ ଦେଶର ସରକାର ସ୍ଥିର ନିଶ୍ଚିତ ।

ଆଜି ଆମ ଦେଶ ନିଯୁକ୍ତି – ରହିତ ଅଭିବୃଦ୍ଧିକୁ ସାମନା କରୁଛି । ବର୍ଷକୁ ୨୦ନିୟୁତ ନିଯୁକ୍ତି ସୃଷ୍ଟି କରିବାର ବାହାସ୍ଫୋଟ ମାରୁଥିବା ମୋଦି ସରକାର, ବିଗତ ଅଢ଼େଇ ବର୍ଷ ମଧ୍ୟରେ ମାତ୍ର ୪ ଲକ୍ଷ ନିଯୁକ୍ତି ସୃଷ୍ଟି କରିପାରିଛନ୍ତି । ମୋଟ ଆଭ୍ୟନ୍ତରୀଣ ଉତ୍ପାଦନ ବୃଦ୍ଧିକୁ ଆଧାର କରି ସରକାର ପ୍ରଗତିର ଡିଣ୍ଡିମ ପିଟୁଥିବା ବେଳେ, ଏହା କେବେ ହେଲେ ଦେଶର ପ୍ରଗତି ଓ ସାମାଜିକ ସମନତାର ଦର୍ପଣ ନୁହେଁ । ଅର୍ଥନୀତିର ଅଭିବୃଦ୍ଧି ହେଉଥିବା ବେଳେ ନିଯୁକ୍ତି ସୃଷ୍ଟି ନ ହେବା ମୋଦୀ ସରକାରଙ୍କ ସବୁଠାରୁ ବଡ଼ ବିଫଳତା ବୋଲି ବୁଝିବାକୁ ହେବ । କଠୋର ଶ୍ରମ ଆଇନ ନିଯୁକ୍ତିର ଅବସ୍ଥା ପାଇଁ ଦାୟୀ ବୋଲି ନୀତି ନିର୍ଦ୍ଧାରକମାନେ ମତ ଦେବା ସହିତ ଏହାର ଆମୂଳଚୂଳ ପରିବର୍ତ୍ତନ ସପକ୍ଷରେ ଯୁକ୍ତି ବାଢୁଛନ୍ତି । ପ୍ରଚଳିତ ଶ୍ରମ ଆଇନକୁ ପରିବର୍ତ୍ତନ କରି ପୁଞ୍ଜିପତି ଓ ଶିଳ୍ପ ସପକ୍ଷବାଦୀ ଶ୍ରମ ଆଇନ ପ୍ରଚଳନ ପାଇଁ ସରକାର ମଧ୍ୟ ତଡ଼ିତ ବେଗରେ ଆଗେଇଚାଲିଛନ୍ତି । କିନ୍ତୁ ବାସ୍ତବତା କ'ଣ ? ମୋଟ ୫୨ କୋଟି ଶ୍ରମିକ ମଧ୍ୟରୁ ମାତ୍ର ୧୦ ପ୍ରତିଶତ ସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ । ଏଣୁ ଠିକା, ଅସ୍ଥାୟୀ ଓ ସ୍ୱଳ୍ପ ମଜୁରୀରେ କାମ କରୁଥିବା ସିଂହଭାବ ଶ୍ରମିକଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ । ତଦୁପରି ସାମାଜିକ ସୁରକ୍ଷା ରହିତ ଓ ନିଯୁକ୍ତିର ଅନିଶ୍ଚିତତା ମଧ୍ୟ ଦେଇ ସଙ୍ଗଠିତ କ୍ଷେତ୍ରରେ ଶ୍ରମିକ ଶୋଷଣର ଶିକାର ହେଉଛନ୍ତି । ଏପରି ସ୍ଥିତିରେ ଦେଶର ବେକାରୀ ପରିସ୍ଥିତି ପାଇଁ ପ୍ରଚଳିତ ଶ୍ରମ ଆଇନକୁ ଦାୟୀ କରିବା କେବଳ ହାସ୍ୟାସ୍ପଦ ନୁହେଁ, ଅମାନବୀୟ ଶୋଷଣକୁ ଘଣ୍ଟା ଘୋଡ଼ାଇବାର ପ୍ରଚେଷ୍ଟା ମାତ୍ର ।

୪୦ ପ୍ରତିଶତରୁ କମ ଶ୍ରମଜିବୀ ନିଯୁକ୍ତି ହୋଇଥିବା କ୍ଷୁଦ୍ର ଓ ମଧ୍ୟମ ସଂସ୍ଥାଗୁଡ଼ିକର ସରକାରୀ ଉଦାସୀନତାର ଶିକାର ହେବା ଫଳରେ ତଳିତଳାନ୍ତ ହେବାରେ ଲାଗିଛନ୍ତି । ଏକମାତ୍ର ବିଦେଶୀ ପୁଞ୍ଜି ଓ ବୃହତ ଶିଳ୍ପ ହିଁ ନିଯୁକ୍ତି ସୃଷ୍ଟି କରିପାରିବ, ସରକାରଙ୍କ ଏହି ଅନ୍ଧ ବିଶ୍ୱାସ ହିଁ ଏ ପ୍ରକାର ପରିସ୍ଥିତି ପାଇଁ ଦାୟୀ । **Make in India, Start Up India, Stand up India** ଭଳି ସ୍ଲୋଗାନ୍ ଭରା ସରକାରଙ୍କ ବିଭିନ୍ନ ଔଦ୍ୟୋଗିକ ଯୋଜନା ଆଶାନୁରୂପ ସଫଳତା ହାସଲ କରିବାରେ ବ୍ୟର୍ଥ ହୋଇଛି । ଯେଉଁ ବିଦେଶୀ ପୁଞ୍ଜିକୁ ଲାଲ ଗାଲିଚା ବିଛାଇ ପାଛୋଟି ଅଣାଯାଉଛି, ସେହି ପୁଞ୍ଜିର ଲକ୍ଷ୍ୟ ଆମ ଦେଶର ଅର୍ଥନୀତିକୁ ସବଳ କରିବା ନୁହେଁ, କେବଳ ଅଧିକରୁ ଅଧିକ ଲାଭ ସାଉଁଟିବା । ଆଉ ସରକାରଙ୍କ କୋଠପୁଅ, ଦେଶର ପୁଞ୍ଜିପତି ଗୋଷ୍ଠୀ ନିଯୁକ୍ତି ତ ଦୂରର କଥା ଓଲଟି ୫୫୦୦୦୦ କୋଟି ଟଙ୍କାର ଟିକସ ଛାଡ଼ ପାଇ ଦେଶର ଅର୍ଥନୀତିକୁ ଧୂଳିସାତ୍ କରିସାରିଲେଣି ।

ଏହି ବେକାରୀ ବ୍ୟାଧିରୁ ସୃଷ୍ଟି ହେଉଛି ଭୟଙ୍କର ସାମାଜିକ ସଂଘାତ । ଗୁଜରାଟ ଓ ହରିଆନାରେ ଯଥାକ୍ରମେ ପଟିଦାର ଓ ଜାଟ ସଂପ୍ରଦାୟ ଚାକିରୀରେ ସଂରକ୍ଷଣ ଲାଗି ଆନ୍ଦୋଳନ ଜାରି ରଖିଛନ୍ତି । ଗୁଜରାଟର ଉନାରେ ଦୁର୍ଭାଗ୍ୟଜନକ ଘଟଣା ପରେ ଦେଶବ୍ୟାପୀ ଦଳିତବର୍ଗ ନିଜର ସ୍ଥିତି ଜାହିର କରିବା ପାଇଁ ଏକଜୁଟ ହେବାରେ ଲାଗିଛନ୍ତି । ସ୍ୱାଭିମାନର ସହିତ ବଞ୍ଚିବା ଲାଗି ଚାକିରୀ ପ୍ରଦାନ ଦାବୀ କରିବା ସହିତ ଜାତିବାଦ ଆଧାରରେ ବାଧ୍ୟ ହୋଇ ଶାରିରୀକ ଶ୍ରମ କରିବାକୁ ଅସ୍ୱୀକାର କରିବା ଯଥାର୍ଥ । ଗାଁ ଗୁଡ଼ିକର ଦୁର୍ଦ୍ଦଶା ସେଠା ଅଧିବାସୀଙ୍କୁ ସହରାଭିମୁଖୀ ହେବାକୁ ବାଧ୍ୟ କରୁଛି । ନିକଟ ଅତୀତରେ କାବେରୀ ଜଳ ବିବାଦ ପରିପ୍ରେକ୍ଷୀରେ ବାଙ୍ଗାଲୋରରେ ସୃଷ୍ଟି ହିଂସା-ଅବହେଳିତ, ବେକାର ଓ ଦାଦନ ଶ୍ରମିକଙ୍କ ପୁଞ୍ଜିଭୂତ କ୍ରୋଧ ଓ ହତାଶାବୋଧକୁ ପ୍ରତିଫଳିତ କରୁଛି ।

ପରିସ୍ଥିତି ମଧ୍ୟ ତତୋଦ୍ଧଧିକ । ପଲିସିଧାରୀଙ୍କ ସେବା ପାଇବାର କ୍ରମବର୍ଦ୍ଧିଷ୍ଣୁ ଆଶା ଅକାଂକ୍ଷାକୁ ସାମନାକରିବା କଷ୍ଟକର ହେବାରେ ଲାଗିଛି । କାରଣ ପ୍ରାୟ ଦୁଇ ଦଶନ୍ଧି ଧରି ନୂତନ ନିଯୁକ୍ତି ହୋଇନାହିଁ । ଖାଲିପଡ଼ିଥିବା ପଦବୀକୁ ସ୍ଥାୟୀ ନିଯୁକ୍ତି ମାଧ୍ୟମରେ ପୂରଣ କରିବା ପରିବର୍ତ୍ତେ ଆଇନଗତ ପ୍ରତିବନ୍ଧକର ଦ୍ୱାହି ଦେଇ ଆମ କର୍ତ୍ତୃପକ୍ଷ ଅସ୍ଥାୟୀ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ କରିଚାଲିଛନ୍ତି । କର୍ମଚାରୀମାନଙ୍କ ଆନ୍ଦୋଳନ ମାଧ୍ୟମରେ, ଆମ କର୍ତ୍ତୃପକ୍ଷଙ୍କ ଏହି ମାନସିକତାରେ ପରିବର୍ତ୍ତନ କରିବାକୁ ହେବ ।

୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ



# ହୀରକ ଜୟନ୍ତୀ ଅବସରରେ

କାଳି କିଙ୍କର ସାହୁ, ସମ୍ପାଦକ, ସି.ଏ.ବି. ବେସ୍ ୟୁନିଟ୍, କଟକ

ଜୀବନ ଜୀବିକା ଜଞ୍ଜାଳ ଘେରା ଏଇ ମୋ ଛୋଟ ଜୀବନ
ଦୁନିଆଁ ଦାଣ୍ଡରେ ସୁଖ ସୁବିଧାରେ ବଞ୍ଚି ରହିବାକୁ ମନ
ଅନେକ ସଂଘର୍ଷ ଅନେକ ବିକ୍ଷୋଭ କରିଦେଖେ ମୁଁ ସପନ
ବୀମା କର୍ମଚାରୀ ସଖା ସହୋଦର ଏକା ସେଇ ୟୁନିୟନ୍ ।
ଆଜିର କାଲିର କଥା ନୁହେଁ ବନ୍ଧୁ ଦୀର୍ଘ ଷାଠିଏ ବରଷ କଥା
କେତେ ଯେ କଣ୍ଟା ଆମ ଚଲା ପଥେ ନୋଇଁ ନାହୁଁ ଆମେ ମଥା ।
ଗର୍ବରେ କୁଣ୍ଢେ ମୋଟ ହୁଏ ଛାତି ଶୁଣି ହୀରକ ଜୟନ୍ତୀ ।
ଶାସକ ଶ୍ରେଣୀର ଖଡ଼ଗ ଆଗରେ ଦେଖାଇ ଦେଇଛୁ ଛାତି
ଚିରି ସେ ଦେଖିଛି ରକତ ବିନ୍ଦୁରେ ଭରିଛି ଏକମ ତାତି ।
ମୁଣ୍ଡ ନୋଇଁ ଦେଲେ କଲମ ଗାରରେ ମଜୁରୀ ବୃଦ୍ଧିର ଭେଟି ।
ସାଧୁବାଦ ଆଜି ଜଣାଉ ଅଛି ମୁଁ ହେ ମୋର ୟୁନିୟନ
ତୁମେତ ବଢ଼ାଇ ଦେଇ ଅଛ ମୋର ଗୃହରଣ ସୀମାମାନ
ବଜାର ଦରର ଗୃହରଣ କିସ୍ତି ରହିଥିଲା ଏତେ ଦିନ ।
ହାତାହାତି ଦବା ପାଇଁ ପଡୁଥିଲା ଚଳିବାରେ କରି ଅସମାନ ।
ଏବେ ସବ୍‌ସିଡ଼ି ଯୁକ୍ତ ହୋଇଗଲା ତାହା ଦରମାରୁ କଟିଯିବ ।
ଅବଶିଷ୍ଟ ମୋର ଦରମାର ପୁଞ୍ଜି ମୋର ହାତେ ବଢ଼ିଯିବ ।
ଇନକମ୍ ଟ୍ୟାକ୍ସ ରିହାତି ଲାଗିବ ଏହା ବୁଝିବାକୁ ହେବ
ଅବସର ବେଳେ ପ୍ରାପ୍ୟ ଧନରୁ ବାକୀ ରଣ କଟିଯିବ ।
ଅଚ୍ଛେଦିନ ଅଚ୍ଛେଦିନ ଶୁଣି ଶୁଣି ମୋ କାନ ବଧିର ହେଲା ।
ଭୋଟ ଖଣ୍ଡିଏ ଦେଇ ଦେଇ କଲି କ୍ଷମତାର ଦ୍ୱାର ମେଲା ।
ଶାସନ ଗାଦିରେ ବସିବାର ଏବେ ଦୁଇଟି ବରଷ ଗଲା ।
ଦେଶର ଗରିବ ପଚାରୁଛି ଆଜି କ'ଣ ସତେ ବଦଳିଲା ?
ପୁଞ୍ଜିପତିଙ୍କ ପାଇଁ କରିଛନ୍ତି ସମସ୍ତ ନିୟମ ମେଲା
ଭିକ୍ଷାଥାଳ ଧରି ଦେଶ ଦେଶ ବୁଲି ଚଳାଇଅଛନ୍ତି ପାଲା ।
ମାଗି ଚାଲିଛନ୍ତି ବିଦେଶୀ ପୁଞ୍ଜି କରି ସେ ସାହାଣ ମେଲା
ବୁଲେଟ୍ ଟ୍ରେନ୍ ଚଳାଇ ଦେଲେ କି ଦେଶର ହୋଇବ ଭଲା ?
ଯେ ଦେଶ କୃଷକ ବର୍ଷ ସାରା ଖଟେ କ୍ଷେତରେ ଝାଳ ବୁହାଇ
ନଇ ବଢ଼ି ତାର ଜନ୍ମ କଲା ପୁଅ ମରୁଡ଼ି ତାର ଭାଇ ।
ମଞ୍ଜି କିଣେ ସିଏ ସରକାରଙ୍କର ବ୍ୟାଙ୍କରୁ ରଣ ନେଇ
ଫସଲ ବିହୁନେ ରଣ ସୁଝେ ନାହିଁ ମରି ଯାଏ ବିଷ ପିଇ ।।
ଯେ ଦେଶ ଶ୍ରମିକ ଅତୀ ସଙ୍ଗଠିତ ତାର କିଛି ଦାବୀ ନାହିଁ ।
କିଛିଟା ଅର୍ଥ ବିନିମୟେ ତା'ର ପରିଶ୍ରମ କିଣି ନେଇ ।
ପୁଞ୍ଜିପତିର ଅମାର ଭରିବ ସଂପତି ଠୁଳ ହୋଇ
ଅଥଚ ଶ୍ରମିକ ରୋଗ ବଇରାଗ ଦୁଃଖ ପାଇଁ କେହି ନାହିଁ ।
ଧନୀକ ଶ୍ରେଣୀର ରଣ ଛାଡ଼ ହୁଏ ଦିନବିତେ ତାଙ୍କ ସୁଖେ
ସେଥିପାଇଁ ବ୍ୟାଙ୍କ୍ ମିଶ୍ରଣ ପ୍ରସ୍ତାବ ଗୀତ ଶୁଭେ ତାଙ୍କ ମୁଖେ ।
ମୁଦ୍ରାସ୍ଫୀତି ବଢ଼େ ହୁ ହୁ ହୋଇ ବଜାର ଅବସ୍ଥା ମାନ୍ଦା
ବିଶ୍ୱ ବଜାରରେ ଅସ୍ଥିର ଅବସ୍ଥା ଅର୍ଥନୀତିର ଫନ୍ଦା
ଦକ୍ଷିଣ ଚୀନ ସାଗରରେ ଏବେ ଯୁଦ୍ଧର ଗୋଲକ ଧନ୍ଦା
ତୃତୀୟ ବିଶ୍ୱ ଯୁଦ୍ଧ କି ଘଟିବ ଦେଶମାନେ ସବୁ ଛନ୍ଦା ।।
ବ୍ରିଟେନ୍ ଓହରି ଯାଇଅଛି ଏବେ ଇଉରୋପ ସଂଘଛାଡ଼ି
ଗୋଟିଏ ବଜାର ଗୋଟିଏ ମୁଦ୍ରା ତତ୍ତ୍ୱ ଯାଇଛି ଉଡ଼ି ।
ବ୍ରେକ୍‌ଜିଟ୍ (Brexit) ଏବେ ଦେଖାଇ ଦେଇଛି ବିଶ୍ୱାୟନର କୁହୁଡ଼ି
ମଣିଷ ସୁଲଭ ନୀତିଟେ ନ ହେଲେ ନିଶ୍ଚେ ପଡ଼ିବ ଭୁଶୁଡ଼ି ।।
ସେଇ ସାଧାରଣ ମଣିଷର ଅଧିକାର ଶ୍ରମ ଆଇନ ଶୋଷେ
ମାଲିକ ସପକ୍ଷ ବିଲ୍ ଆସିଅଛି ଏଇ ମୋ ଭାରତ ଦେଶେ ।
ରାଷ୍ଟ୍ରାୟତ୍ତ ଶିଳ୍ପ ପ୍ରାଇଭେଟ୍ ହୋଇ ମାଟିରେ ମିଶି ଯିବ ସେ ।
GST Bill ମାଧମରେ ସରକାର ମାଟିର ମଣିଷ ଶୋଷେ ।
ଅଭାବ ଅସ୍ଥିର ଅନଗ୍ରସରତାରୁ ଆତଙ୍କ ବାଦର ଜନ୍ମ
ଧର୍ମଭିତ୍ତିରେ ରାଷ୍ଟ୍ର ଭିତ୍ତିରେ ବାଣ୍ଟି ହୋଇଯାଏ କର୍ମ ।।
ଲାଲ ସଲାମ କରୁଛି ଆଜି ମୁଁ ଏଇ ମହାନଦୀ ତୀରେ
କଳକଳ ନୁହେଁ ଛଳଛଳ ହୋଇ ଏ ନଦୀର ଲୁହ ଝରେ
ବନ୍ଧ ପକାଇ ପାଣି ରୋକି ଦେବେ ଛତିଶ ଗଡ଼ ରାଜ୍ୟରେ
ଝାଡ଼ଖଣ୍ଡେ ମଧ ଏକା ଅବସ୍ଥା କୃଷକର ଲୁହଝରେ ।।
ସଂଗ୍ରାମୀ ଅଭିନନ୍ଦନ ଦିଏ ମୁଁ ପୁଣି ଆଉ ଥରେ
ଆମ କଣ୍ଟକିତ ପଥ ବନ୍ଧୁ ବାକି ଡରିଯିବା ନାହିଁ ଥରେ
ଅତୀତକୁ ଦେଖି ଶିକ୍ଷା ଲାଭ କରି ଶପଥ ନେବା ଏଠାରେ
ଶ୍ରମିକ ଜୀବନ ନିର୍ଭୀକ ହେଉ ଏଇ ସମାଜ ଛାତିରେ ।।

୩ ପୃଷ୍ଠାର ଅବଶିଷ୍ଟାଂଶ

ଶୋଷଣକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ଦେଶର ଶ୍ରମିକ ଶ୍ରେଣୀ ୨ ସେପ୍ଟେମ୍ବର ୨୦୧୬ର ଧର୍ମଘଟ ମାଧମରେ ସରକାରଙ୍କୁ ଚେତାବନୀ ଦେଇସାରିଛନ୍ତି । ଗୋଟିଏ ଶ୍ରମ ସଙ୍ଗଠନକୁ ଆୟୁଧ କରି ଧର୍ମଘଟକୁ ଭଣ୍ଡୁର କରିବାର ସରକାରଙ୍କ ପ୍ରୟାସ ଯେ ସଂପୂର୍ଣ୍ଣ ବିଫଳ ହୋଇଛି,ତାର ପ୍ରତିଫଳନ ହେଉଛି ଦେଶବ୍ୟାପୀ ୧୮ କୋଟି ଶ୍ରମିକ ଧର୍ମଘଟରେ ସାମିଲ ହୋଇ ତାକୁ ରାଷ୍ଟ୍ରୀୟ ଆନ୍ଦୋଳନରେ ରୂପାନ୍ତରିତ କରିବା । ସାମ୍ରାଜ୍ୟବାଦୀ ନିର୍ଦ୍ଦେଶିତ ଜଗତୀକରଣ ଯେ ମାନବ ସତ୍ତାର ପରିପନ୍ଥୀ, ଏହି ବାସ୍ତବତା ବିଶ୍ୱବାସୀ ହୃଦୟଙ୍ଗମ କରିଲେଣି । ଏହା ଫଳରେ କେବଳ ଅସମାନତା ବୃଦ୍ଧିପାଇ ନାହିଁ, ତତ୍ ସହିତ ଏହା ଅସନ୍ତୁଳିତ ପରିବେଶ ଓ ପର୍ଯ୍ୟାବରଣକୁ ମଧ ଜନ୍ମ ଦେଇଛି । ଏଣୁ ଏହିପରି ଅର୍ଥନୀତି କେବେ ହେଲେ ଚିରହରିତ ହୋଇପାରେନା । କିନ୍ତୁ, ନବ୍ୟ–ଉଦାରବାଦ ନୀତିର ଅନ୍ଧସ୍ତାବକ ସାଜିଥିବା ମୋଦୀ ସରକାର ବିଦେଶୀ ପୁଞ୍ଜି ଓ ମେଗା କର୍ପୋରେଟ ଜଗତର ତୁଷ୍ଟୀକରଣ ପାଇଁ ଶ୍ରମ ଆଇନର ନଖ ଦାନ୍ତ ଉପାଡ଼ି ଦେବାପାଇଁ ଚୁମୁଟା ତିଆରି କରି ସାରିଛନ୍ତି । ଦେଶର ଶ୍ରମଜୀବି ତ ଏହାକୁ ସର୍ବଶକ୍ତି ଦେଇ ମୁକାବିଲା କରିବେ । ଆମେ ସମସ୍ତେ ମନେ ରଖିବା ଉଚିତ ଦେଶର ଶମିକ ଗୋଷ୍ଠୀର ଅବସ୍ଥା ତଳିତଳାନ୍ତ ହେଲେ, ବୀମା ଶିଳ୍ପରେ କର୍ମଚାରୀଙ୍କ ଭବିଷ୍ୟତ କେବେହେଲେ ସୁରକ୍ଷିତ ହୋଇ ନ ପାରେ । ଏଣୁ ସାରା ଦେଶର ଶ୍ରମିକ ଶ୍ରେଣୀର ଲଢ଼େଇରେ ସାମିଲ ହୋଇ ଏହାକୁ ଦୁର୍ବାର ଆନ୍ଦୋଳନରେ ପରିଣତକରିବାର ଗୁରୁ ଦାୟିତ୍ୱ ଆମର – ବୀମା କର୍ମଚାରୀମାନଙ୍କର ।

ସୌଜନ୍ୟ, 'ଇନ୍‌ସ୍ୟୁରାନ୍ସ ୱାର୍କର' ଭାଷାନ୍ତର ରଞ୍ଜିତ୍ ରାଉତ୍



# ନଭେମ୍ବର ବିପ୍ଳବର ଶତବାର୍ଷିକୀ : ତାତ୍ପର୍ଯ୍ୟ ଓ ପ୍ରାସଙ୍ଗିକତା

ରବିନାରାୟଣ ମଲ୍ଲିକ୍ , ପୂର୍ବତନ ସଭାପତି, ସି.ଡ଼ି.ଆଇ.ଇ.ଏ.

୧୯୧୭ ମସିହା ନଭେମ୍ବର ୭ ତାରିଖରେ ତତ୍କାଳୀନ ଋଷ୍ ଦେଶରେ ଜାର୍ ସମ୍ରାଟଙ୍କ ଶାସନର ପତନ ଘଟିଥିଲା । ପ୍ରତିଷ୍ଠିତ ହୋଇଥିଲା ପୃଥିବୀର ପ୍ରଥମ ଶୋଷଣ ବିହୀନ ସମାଜବାଦୀ ରାଷ୍ଟ୍ର ସୋଭିଏତ୍ ୟୁନିଅନ୍ । ସେତେବେଳେ ଋଷ ଦେଶରେ ପ୍ରଚଳିତ ଜାର୍‌ଙ୍କର କ୍ୟାଲେଣ୍ଡର ଅନୁସାରେ ଏହି ତାରିଖ ଥିଲା ୨୫ ଅକ୍ଟୋବର । ତେଣୁ ଏହି ବିପ୍ଳବକୁ ସେତେବେଳେ ଅକ୍ଟୋବର ବିପ୍ଳବ ଆଖ୍ୟା ଦିଆଯାଇଥିଲା । ମାତ୍ର ସମଗ୍ର ବିଶ୍ୱରେ ଗ୍ରେଗୋରିଆନ୍ କ୍ୟାଲେଣ୍ଡର ପ୍ରଚଳନ ହେବା ପରେ ଏହି ବିପ୍ଳବ ନଭେମ୍ବର ବିପ୍ଳବ ଭାବରେ ବିଶ୍ୱ ବିଦିତ ହେଲା ।

ନଭେମ୍ବର ବିପ୍ଳବ ଥିଲା ତା' ପୂର୍ବରୁ ସଙ୍ଗଠିତ ସମସ୍ତ ବିପ୍ଳବଠାରୁ ନିଆରା । ତା' ପୂର୍ବରୁ ସଂଗଠିତ ସମସ୍ତ ବିପ୍ଳବ (କେବଳ ୧୮୭୦ରେ ସଙ୍ଗଠିତ ପ୍ୟାରି କମ୍ୟୁନ୍‌ର ୭୧ ଦିନର ସରକାର ବ୍ୟତୀତ)ରେ ଗୋଟିଏ ଶୋଷକ ଶ୍ରେଣୀ ପରାଜିତ ହୋଇ ଅନ୍ୟ ଏକ ଶୋଷକ ଶ୍ରେଣୀ କ୍ଷମତାସୀନ ହୋଇଥିଲା । ମାତ୍ର ନଭେମ୍ବର ବିପ୍ଳବରେ ପ୍ରଥମ ଥର ପାଇଁ ଶୋଷିତ ଶ୍ରେଣୀ ହାତକୁ କ୍ଷମତା ଆସିଲା । ପ୍ରଥମ ବିଶ୍ୱ ଯୁଦ୍ଧର ଅବସାନ ଘଟିବା ପରେ ପରେ ଏହି ନଭେମ୍ବର ବିପ୍ଳବ ସଫଳ ହୋଇଥିଲା ସାମ୍ରାଜ୍ୟବାଦର ଦୁର୍ବଳତମ କଡ଼ି ଋଷ୍ ଦେଶରେ । ବିପ୍ଳବର ନେତୃତ୍ୱ ନେଇଥିଲେ ଋଷ୍ ଦେଶର ବଲ୍‌ସେଭିକ୍ ପାର୍ଟି ଓ ତା'ର ମହାନ ନେତା ଭି.ଆ.ଇ.ଲେନିନ୍ । ଏହି ବିପ୍ଳବର ପ୍ରତ୍ୟକ୍ଷଦର୍ଶୀ ବିବରଣୀ ପ୍ରକାଶ ପାଇଛି ଆମେରିକା ସାମ୍ବାଦିକ ଜନ୍ ରିଡ୍‌ଙ୍କର କାଳଜୟୀ ପୁସ୍ତକ 'ଦୁନିଆ କଂପାଇଥିବା ଦଶଦିନ' (**Ten days that shook the world**)ରେ । ଏହା ଉପରେ ଚଳଚ୍ଚିତ୍ର ମଧ୍ୟ ନିର୍ମାଣ ହୋଇଛି ।

ଆସନ୍ତା ବର୍ଷ ୨୦୧୭ ନଭେମ୍ବର ୭ରେ ନଭେମ୍ବର ବିପ୍ଳବର ଶତବର୍ଷ ପୂରଣ ହେବ । ପ୍ରଶ୍ନ ଉଠିପାରେ ସେ ସମୟର ସାମ୍ରାଜ୍ୟବାଦ ଓ ଆଜିର ସାମ୍ରାଜ୍ୟବାଦ ମଧ୍ୟରେ ତ ବହୁତ ପାର୍ଥକ୍ୟ ରହିଛି ! ସେବେକାର ବିଶ୍ୱ ପରିସ୍ଥିତି ଓ ଆଜିର ପରିସ୍ଥିତି ମଧ୍ୟରେ ତ ଆକାଶ ପାତାଳ ଫରକ୍ ରହିଛି । ତେଣୁ ନଭେମ୍ବର ବିପ୍ଳବ ସମ୍ପର୍କରେ ଆଲୋଚନାର ତାତ୍ପର୍ଯ୍ୟ କ'ଣ ? ପ୍ରାସଙ୍ଗିକତା କ'ଣ ? ଏହାର ଉତ୍ତର ଖୋଜିବା ଏହି କ୍ଷୁଦ୍ର ଆଲେଖ୍ୟର ଲକ୍ଷ୍ୟ । ଲେନିନ୍ ତାଙ୍କର ପ୍ରସିଦ୍ଧ ପୁସ୍ତକ 'ସାମ୍ରାଜ୍ୟବାଦ : ପୁଞ୍ଜିବାଦର ସର୍ବୋଚ୍ଚ ସ୍ତର' (**Impreialism: The Highest stage of Capitalism**) ସେ ସାମ୍ରାଜ୍ୟବାଦର ଅର୍ଥନୈତିକ, ସାମରିକ ଓ ରାଜନୈତିକ ଆଦି ବହୁବିଧ ଚରିତ୍ର ବର୍ଣ୍ଣନା କରିଛନ୍ତି । ଆଜିର ବିଶ୍ୱ ପରିସ୍ଥିତିରେ ସାମ୍ରାଜ୍ୟବାଦ ଶୋଷଣ ଓ ଆଧିପତ୍ୟ ବିସ୍ତାରର ରୂପରେ ପରିବର୍ତ୍ତନ ଘଟିଛି ସତ, ମାତ୍ର ତା'ର ମୌଳିକ ଚରିତ୍ରରେ କୌଣସି ପରିବର୍ତ୍ତନ ଘଟିନାହିଁ । ଏ ପରିସ୍ଥିତିରେ ନଭେମ୍ବର ବିପ୍ଳବର ଶିକ୍ଷାକୁ ଆୟତ୍ତ କରିବା ଓ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିବା ଅଧିକ ଜରୁରୀ ହୋଇପଡ଼ିଛି ।

### ସାମ୍ରାଜ୍ୟବାଦୀ ଆକ୍ରମଣର ସ୍ୱରୂପ :

ଗତ ଶତାବ୍ଦୀର ପଞ୍ଚମ, ଷଷ୍ଠ ଓ ସପ୍ତମ ଦଶକରେ କ୍ୟୁବାଠାରୁ ଆରମ୍ଭ କରି ଭିଏତ୍‌ନାମ୍ ପର୍ଯ୍ୟନ୍ତ ବିଭିନ୍ନ ଦେଶରେ ସାମ୍ରାଜ୍ୟବାଦୀ ଆକ୍ରମଣ ବିଷୟରେ ସମସ୍ତେ ଜାଣନ୍ତି । କେବଳ ୧୯୮୦ ମସିହା ପରଠାରୁ ଆମେରିକା ୧୪ଟି ଦେଶ ଉପରେ ସାମରିକ ଆକ୍ରମଣ କରିଛି । ସେଗୁଡ଼ିକ ହେଉଛି ଆଫଗାନିସ୍ତାନ, ପାକିସ୍ତାନ, ଇରାନ୍, ଇରାକ୍, ଲିବ୍ୟା, ଲେବାନନ୍, କୁଏତ୍, ସୋମାଲିଆ, ବସନିଆ, ବାହାରିନ୍, ସୁଦାନ୍, କସୋଭୋ, ୟେମେନ୍ ଓ ସିରିଆ । ଆମେରିକା କଂଗ୍ରେସ୍‌ର ରିସର୍ଚ୍ଚ ସର୍ଭିସ ରିପୋର୍ଟ ଅନୁସାରେ ୨୦୧୧ ପରଠାରୁ ଆମେରିକା ପକ୍ଷରୁ ସିରିଆର ବିଦ୍ରୋହୀମାନଙ୍କୁ ୭୭୦ କୋଟି ଡଲାରର ସାମରିକ ସାହାଯ୍ୟ ଦିଆଯାଇଛି । ଓବାମା ରାଷ୍ଟ୍ରପତି ହେବାର ପ୍ରଥମ ୫ ବର୍ଷରେ ୧୬,୯୦୦ କୋଟି ଡଲାରରୁ ଅଧିକ ମୂଲ୍ୟର ଅସ୍ତ୍ରଶସ୍ତ୍ର ବିକ୍ରୀ କରିଛି ଆମେରିକା । ଏହା ଯୁଦ୍ଧ ଖୋର ବୁଶ୍‌ଙ୍କ ଅମଳଠାରୁ ୩୦୦୦ କୋଟି ଡଲାର ଅଧିକ । ଏଥିରୁ ୬୦ ପ୍ରତିଶତରୁ ଅଧିକ ଯାଇଛି ପଶ୍ଚିମ ଏସିଆକୁ ।

ଆମେରିକାର ପ୍ରତିରକ୍ଷା ଗୁଇନ୍ଦା ଏଜେନ୍ସିର ୧୨ ଅଗଷ୍ଟ ୨୦୧୨ର କ୍ଲାସିଫାଏଡ୍ ରିପୋର୍ଟ ଅନୁସାରେ ସିରିଆରେ ସନ୍ତ୍ରାସ ଚଳାଇଥିବା ଇରାକ୍‌ର ସନ୍ତ୍ରାସବାଦୀ ଗୋଷ୍ଠୀ ସଲାଫିଷ୍ଟ, ମୁସଲିମ୍ ବ୍ରଦରହୁଡ୍ ଓ ଅଲକାଏଦାର ପୃଷ୍ଠ ପୋଷକ ହେଉଛନ୍ତି ପାଶ୍ଚାତ୍ୟ ରାଷ୍ଟ୍ରମାନେ, ଗଲଫ୍ ଦେଶମାନେ ଏବଂ ସିରିଆର ଶାସକବର୍ଗ ।

### ସାମରିକ ଗୋଷ୍ଠୀ ଓ କର୍ପୋରେଟ୍‌ସ୍‌ମାନଙ୍କର ବିଷବୃତ୍ତ :

ଏହି ବିଷ ବୃତ୍ତର ଜ୍ୱଳନ୍ତ ଉଦାହରଣ ସିରିଆ । ବ୍ରୁକିଂସ ଇନ୍‌ଷ୍ଟିଚ୍ୟୁସନ୍ (ସାମରିକ ଗବେଷଣା ସଂସ୍ଥା)ର ୨୦୦୯ର ରିପୋର୍ଟରେ କୁହାଯାଇଛି ଯେ ଆମେରିକା ପାଇଁ ସିରିଆକୁ 'ଖଣ୍ଡବିଖଣ୍ଡ' ( **deconstruct**) କରିବା ନିହାତି ଜରୁରୀ । ତା' ହେଲେ ଯାଇ ପରିବେଶରେ ଅସ ଅଞ୍ଚଳର ରନ୍‌ଭଣ୍ଡାର ଇରାନ୍‌କୁ ଦଖଲ କରିବା ସମ୍ଭବ । ତଦନୁସାରେ ୨୦୧୧ ମସିହାରୁ ଯୁଦ୍ଧ ଆରମ୍ଭ ହୋଇଛି । ଏହି ବ୍ରୁକିଂସ୍ ଇନ୍‌ଷ୍ଟିଚ୍ୟୁସନ୍‌ର ପୃଷ୍ଠପୋଷକ ହେଉଛନ୍ତି – ପକ୍ରାଣ୍ଡକାୟ ଆର୍ଥିକ ସଂସ୍ଥା – ଜେ.ପି.ମରଗାନ୍ ଚେଜ୍, ବ୍ୟାଙ୍କ ଅବ୍ ଆମେରିକା, ଗୋଲଡ୍‌ମ୍ୟାନ ସାକ୍‌ସ, ଷ୍ଟେଟ୍ ଫାର୍ମ, ମେଟ୍ ଲାଇଫ୍ ଓ ଜି.ଇ.ଆଇ.କୋ । ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନକାରୀ ସଂସ୍ଥା – ଜେନେରାଲ୍ ଇଲେକ୍‌ଟ୍ରିକ୍, ନର୍ଥରପ୍ ଗ୍ରୁମ୍‌ନାନ୍ ଏଣ୍ଡ ରେଥିଅନ୍ । ତୈଳ ବ୍ୟବସାୟୀ ସଂସ୍ଥା – ଏକସନ୍, ଚେଭ୍ରୋନ୍, କୋନୋକୋ ଫିଲିପ୍‌ସ୍, ବ୍ରିଟିଶ୍ ପେଟ୍ରୋଲିଅମ୍, ସେଲ ( **Shell**) ଏବଂ ଜଳ/ପାନୀୟ ବ୍ୟବସାୟର ସମ୍ରାଟ୍ – ପେପ୍‌ସି ଓ କୋକାକୋଲା ।

### ପୁଞ୍ଜିବାଦର ସଂକଟ ବ୍ୟବସ୍ଥାଗତ ସଂକଟ :

ବିଶ୍ୱ ପୁଞ୍ଜିବାଦର ସାଂପ୍ରତିକ ସଂକଟ ବ୍ୟବସ୍ଥାଗତ ସଂକଟ । ଏଥିରୁ ଉଦ୍ଧାର ପାଇବା ପାଇଁ ସେମାନେ ଚାହାଁନ୍ତି ସକଳ ସମ୍ପଦ ଓ ସମଗ୍ର ବଜାର ଉପରେ ନିୟନ୍ତ୍ରଣ । ସଂକଟ ସୁଧୁରୁଛି ଏବଂ ଖୁବ୍ ଶୀଘ୍ର ଦୂର ହୋଇଯିବ ବୋଲି ଯେତେ ପ୍ରଚାର ଚାଲିଛି ସେ ସବୁ ଧୂଆଁବାଣ ବ୍ୟତୀତ ଆଉ କିଛି ନୁହେଁ । ଖୋଦ୍ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (**IMF**)ର ବିଶ୍ୱ ଅର୍ଥନୈତିକ ଆଭିମୁଖ୍ୟ ରିପୋର୍ଟ ୨୦୧୫ରେ ଏକଥା ସ୍ପଷ୍ଟ । **''... global factors - and country specific developments-point to a somewhat weaker recovery in 2015 and 2016 than previously envisaged and to a higher downside risk... Global growth declined in the first half of 2015, reflecting a further slowdown in emerging markets and a weaker recovery in advanced economies. It is now projected at 3.1.% for 2015 as a whole, slightly lower than in 2014... Global industrial production remained weak through 2014, consistent with the uneven strength in demand across major economies and groups of Countries, and slowed markedly over the course of the first half of 2015, reflecting some building of inventories in late 2014 and early 2015... world trade volumes also slowed in first half 2015... both output growth and employment growth were much weaker in the period 2008- 14.... the low rate of output growth implies that unemployment is still high...'' IMF**ର ବଶ୍ୱ ଅଭିବୃଦ୍ଧି ହାରର

ଅନୁମାନ (projection) ହେଉଛି ମାତ୍ର ୩.୧% ଯାହାକି ଆନୁଷ୍ଠାନିକ ଭାବେ ମାନ୍ଦାବସ୍ଥା ଘୋଷଣା ହେବାର ସୀମାଠାରୁ ମାତ୍ର ଶୂନ୍ ଦଶମିକ ଏକ ପ୍ରତିଶତ ଅଧିକ । ଏଥିରୁ ସ୍ପଷ୍ଟ ଯେ ଶାସକ ଶ୍ରେଣୀର 'ସଂକଟ ମୁକ୍ତ ବିଶ୍ୱ'ର ପ୍ରଚାର ପ୍ରବଞ୍ଚନା ବ୍ୟତୀତ ଆଉ କିଛି ନୁହଁ ।

**କର୍ପୋରେଟ୍ ଋଣଭାର ବିସ୍ଫୋରକ :**

ଆଉ ଏକ ଉଦ୍‌ବେଗର ବିଷୟ ହେଉଛି ବଡ଼ ବଡ଼ ପୁଞ୍ଜିପତି/ଶିଳ୍ପପତିମାନଙ୍କର ବିସ୍ଫୋରକ ଋଣଭାର । ଜେ.ପି. ମରଗାନ୍ ଚେଜ୍‌ର ରିପୋର୍ଟ ଅନୁସାରେ କର୍ପୋରେଟ୍ ଋଣର ପରିମାଣ ଏପରି ସ୍ତରରେ ପହଞ୍ଚିଛି ଯେ ଅନେକ ପ୍ରକାଣ୍ଡକାୟ ବହୁ ଜାତୀକ କମ୍ପାନୀ ଦେବାଳିଆ ଅବସ୍ଥାର ସମ୍ମୁଖୀନ ହୋଇଛନ୍ତି ବା ହେବାକୁ ଯାଉଛନ୍ତି । ୨୦୦୮ର ଆର୍ଥିକ ସଂକଟ ପରେ ଏହି ୭/୮ ବର୍ଷରେ କର୍ପୋରେଟ୍ ଋଣର ପରିମାଣ ବଢ଼ିଛି ସାତ ଲକ୍ଷ କୋଟି ଡଲାର । ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସର ଶେଷ ସୁଦ୍ଧା ୬୨% କମ୍ପାନୀ ସେମାନଙ୍କର ଜିନିଷ ବିକ୍ରୀ କରି ଯେତିକି ନଗଦ ଅର୍ଥ ଅର୍ଜନ କରିଛନ୍ତି ତା'ର ଦୁଇଗୁଣ ହୋଇଛି ସେମାନଙ୍କର ଋଣ । ୨୦୦୬ରେ ଏପରି କମ୍ପାନୀ ସଂଖ୍ୟା ୩୧% ଥିଲା । ଏବର କର୍ପୋରେଟ୍ ଋଣର ପରିମାଣ ଆର୍ଥିକ ସଂକଟର ପୂର୍ବ ସମୟ ତୁଳନାରେ ୧୪% ଅଧିକ । ଗ୍ଲୋବାଲ୍ ଷ୍ଟକ୍ ମାର୍କେଟ୍‌ରେ ବିରାଟ ବୁଦ୍‌ବୁଦ୍ (bubbles) ସୃଷ୍ଟି ହେଉଛି ଏବଂ ୨୦୦୮ ମସିହା ପରି ଏପରି ବୁଦ୍‌ବୁଦ୍ ଫାଟିବା ଅବସ୍ଥା ସୃଷ୍ଟି ହେବାରେ ଲାଗିଛି ।

**ଉତ୍କଟ ବୈଷମ୍ୟ :**

ଆଜି ପୃଥିବୀର ମାତ୍ର ୮୦ ଜଣ ଧନ କୁବେରଙ୍କର ସମ୍ପଦର ମୂଲ୍ୟ ୧୯୦ ଲକ୍ଷ କୋଟି ଡଲାର । ଏହା ତଳେ ଥିବା ୩୫୦ କୋଟି ବିଶ୍ୱବାସୀଙ୍କର ସଂପଦର ମୂଲ୍ୟ ସହିତ ସମାନ । ମାତ୍ର ୧% ଧନାଢ୍ୟ ବ୍ୟକ୍ତିଙ୍କର କବଜାରେ ରହିଛି ଦୁନିଆର ୫୦% ଦୌଲତ୍ ଏବଂ ଏହି ଦୌଲତ୍ ଦ୍ରୁତ ବଢ଼ିବାରେ ଲାଗିଛି । ପ୍ରାୟ ସମସ୍ତ ଦେଶରେ ସର୍ବୋଚ୍ଚ ସଂପଦଶାଳୀ ୧୦% ଲୋକଙ୍କ ହାତରେ ଥିବା ସମ୍ପଦ ଜନସାଧାରଣଙ୍କ ହାତରେ ଥିବା ହାରାହାରି ସଂପଦର ୧୦ ଗୁଣରୁ ଅଧିକ । ସବା ଉପରେ ଥିବା ୧% ଧନାଢ୍ୟଙ୍କ କ୍ଷେତ୍ରରେ ଏହା ୧୦୦ଗୁଣରୁ ଅଧିକ ଏବଂ ଖୁବ୍ ଶୀଘ୍ର ୧୦୦୦ ଗୁଣରେ ପହଞ୍ଚିବା ଦିଗରେ ଧାବମାନ ।

ମାର୍କ୍ସ ତାଙ୍କର "ପୁଞ୍ଜି" ଗ୍ରନ୍ଥ ପ୍ରଥମ ଖଣ୍ଡ ପୃଷ୍ଠା ୬୫୪ରେ ଲେଖିଛନ୍ତି "**Accumulation of wealth at one pole is, therefore, at the same time accumulation of misery, agony of toil, slavery, ignorance, brutality, mental degradation, at the opposite pole, i.e. on the said of the class that produces its own product in the form of Capital.**" ପୃଷ୍ଠା ୭୬୩ରେ ରହିଛି "**grows the revolt of the working class, a class always increasing in numbers and disciplined, united and organised.". "Centralisation of the means of production and socialisation of labour at last reach a point, where they become incompatible with their capitalist integument. This integument is burst as under. The knell of capitalist private property sounds. The exploiters are expropriated.**"

କିନ୍ତୁ ଉଭୟ ମାର୍କ୍ସ ଲେନିନ୍‌ଙ୍କର ଶିକ୍ଷା ହେଉଛି, ଯେତେ ସଂକଟଗ୍ରସ୍ତ ହେଲେ ବି ପୁଞ୍ଜିବାଦର ପତନ ଆଗେ ଆପେ ଘଟେ ନାହିଁ । ସାମାଜିକ ବିପ୍ଳବ ଜରିଆରେ ହିଁ ପୁଞ୍ଜିବାଦର ପତନ ଘଟାଇବା ସମ୍ଭବ । ଏଥିପାଇଁ ଆବଶ୍ୟକ ଲୋକଙ୍କର ରାଜନୈତିକ ସଚେତନତା ବଢ଼ାଇବା । ସେମାନଙ୍କୁ ସଂଗଠିତ କରି ସମାଜ ପରିବର୍ତ୍ତନର ସଂଗ୍ରାମକୁ ଅଗ୍ରସର କରାଇବା । ଇତିହାସର ଶିକ୍ଷା ହେଉଛି ଏ କାର୍ଯ୍ୟ ଅସମ୍ଭବ ନୁହେଁ, ମାତ୍ର ସହଜସାଧ୍ୟ ନୁହେଁ । ଏଥିଲାଗି ଆମ୍ଭମାନଙ୍କୁ ଶାସକ ଶ୍ରେଣୀ ପକ୍ଷରୁ ସେମାନଙ୍କର ଶ୍ରେଣୀ ଶାସନର ସ୍ଥିତାବସ୍ଥା ବଜାୟ ରଖିବାର ସମସ୍ତ ଯୋଜନାକୁ ମୁକାବିଲା କରିବାକୁ ହେବ, ପ୍ରତିରୋଧ କରିବାକୁ ହେବ ଏବଂ ପ୍ରତିହତ କରିବାକୁ ହେବ ।

**ଆଧିପତ୍ୟ ବଜାୟ ରଖିବା ପାଇଁ ଶାସକ ଶ୍ରେଣୀର ଆଉ ଏକ ହୀନ କୌଶଳ :**

ଶାସକ ଶ୍ରେଣୀର ଆଉ ଏକ କୌଶଳ ହେଉଛି ଜନ ସାଧାରଣଙ୍କର ଅସନ୍ତୋଷକୁ ସଂକୀର୍ଣ୍ଣତାବାଦୀ ଆନ୍ଦୋଳନ ଦିଗରେ ପରିଚାଳିତ କରିବା । ଏଥିଲାଗି ସମସ୍ତ ଧରଣର ମୌଳବାଦୀ ଓ ଦକ୍ଷିଣପନ୍ଥୀ ଶକ୍ତିକୁ ମଦତ୍ ଦେବା । ଏହି ଶକ୍ତିମାନେ ଲୋକଙ୍କୁ ଶସ୍ତା ସ୍ଲୋଗାନ୍ ଦେଇ ଆକୃଷ୍ଟ କରନ୍ତି । ଲୋକଙ୍କର ଅତି ଜରୁରୀ ସମସ୍ୟା ଓ ଦାବୀ ବିଷୟ ଉଠାଇ ଲୋକଙ୍କୁ ମତାନ୍ତି, ମାତ୍ର ସମସ୍ୟାର ମୂଳ କାରଣ ବିଷୟ କହନ୍ତି ନାହିଁ । ଜର୍ଜୀ ଡିମିଟ୍ରଭ କହିଛନ୍ତି, "**they inflame the prejudices that are deeply ingrained in the masses... play on their sense of justice and sometimes even on their revolutionary traditions, fascism aims at the most unbridled exloitation of masses, but it approaches them with the most artful anti capitalist demagogy, taking advantage of the deep hatred of the working people against the plundering bourgeoisie, the banks, trusts and financial magnates, and advancing those slogans which at the given moment are most alluring to the politically immature masses. Fascism delivers up the people to be devoured by the most corrupt and venal elements, but comes before them with the demand for 'an honest & incorruptible Govt.' Speculating on the profound disillusionment of the masses in bourgeois democratic governments, fascism hypocratically denouncas corruption**" ୭୦/୮୦ ବର୍ଷ ତଳର ଡିମିଟ୍ରଭ୍‌ଙ୍କର ଏହି କଥା କିପରି ଦୂରଦୃଷ୍ଟି ସମ୍ପନ୍ନ ଥିଲା ତାହା ଆଜି ଭାରତ ବର୍ଷର ଶାସକ ଶ୍ରେଣୀର ଆଚରଣରୁ ସ୍ପଷ୍ଟ ପ୍ରତୀୟମାନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର "ଆଛେ ଦିନ ଆନେ ୱାଲା ହେଁ", "ନା ମେ ଖାଉଙ୍ଗା, ନା କିସିକୋ ଖାନେ ଦୁଂଗା" ସ୍ଲୋଗାନ୍ ଶୁଣିଲେ ଡିମିଟ୍ରଭ୍‌ଙ୍କର ଉକ୍ତ ବାଣୀ କିପରି ସଠିକ୍ ତାହା ବୁଝି ହେବ । ଆଜି ପୃଥିବୀରେ ସୃଷ୍ଟି ହୋଇଥିବା ଶରଣାର୍ଥୀ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ଏହାର ସୃଷ୍ଟିକର୍ତ୍ତା ସାମ୍ରାଜ୍ୟବାଦ ଏବଂ ଏହି ସମସ୍ୟାରୁ ଫାଇଦା ନେଉଥିବା ଫାସିବାଦୀ, ଦକ୍ଷିଣପନ୍ଥୀ, ପ୍ରତିକ୍ରିୟାଶୀଳ ଶକ୍ତିମାନଙ୍କର ପୃଷ୍ଠପୋଷକ ମଧ୍ୟ ସେହି ସାମ୍ରାଜ୍ୟବାଦ । ସାମ୍ରାଜ୍ୟବାଦର ଶ୍ରେଣୀ ଚରିତ୍ରର ମୁଖା ଆମ୍ଭମାନଙ୍କୁ ହିଁ ଖୋଲିବାକୁ ପଡ଼ିବ ।

ଡିମିଟ୍ରଭ୍ କମ୍ୟୁନିଷ୍ଟ ଆନ୍ତର୍ଜାତିକର ସପ୍ତମ ବିଶ୍ୱ ସମ୍ମିଳନୀରେ ଉପସ୍ଥାପିତ ରିପୋର୍ଟରେ କହିଛନ୍ତି, "**That the victory of fascism can be prevented, depends first and foremost on the militant activity of the working class itself... By establishing its fighting unity, the proletariat would paralyse the influence of fascism over the peasantry, the urban petty bourgeoisie, the youth and the intelligentsia... it depends on he existence of a strong revolutionary party, correctly leading the struggle of he working people. ... it depends on a correct policy of the working class towards the peasantry and the petty bourgeois masses of the towns... it depends on the vigilance and timely action of the revolutionary proletariat.**"

ପୁଞ୍ଜିବାଦ ଓ ପୁଞ୍ଜିବାଦୀ ଶୋଷଣ ବିରୁଦ୍ଧରେ ସଂଗ୍ରାମ ସମସ୍ତ ଦେଶରେ ଏକା ଧରଣର ହେବା ସମ୍ଭବ ନୁହେଁ । ଏହା ନିର୍ଭର କରିବ ସମ୍ପୃକ୍ତ ଦେଶର ବାସ୍ତବ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ପରିସ୍ଥିତି ଉପରେ । ସେ ଦେଶର ଶ୍ରମିକ ଶ୍ରେଣୀର ସଚେତନତାର ସ୍ତର ଏବଂ ଶ୍ରମିକ ଶ୍ରେଣୀର ଛାମୁଆ ବାହିନୀ କମ୍ୟୁନିଷ୍ଟ ପାର୍ଟିର ଶକ୍ତି ଉପରେ ଏହା ନିର୍ଭର କରିବ । ଆମ ଦେଶରେ ଫାସିବାଦ ଓ ଦକ୍ଷିଣ ପନ୍ଥୀ ଶକ୍ତି ବିରୁଦ୍ଧରେ ସଂଗ୍ରାମ ପାଇଁ

ଅବଶିଷ୍ଟାଂଶ ୭ ପୃଷ୍ଠାରେ



# ଲଢ଼େଇର ଏହି କାହାଣୀ

ନିରଞ୍ଜନ ନାହାକ, ସହ–ସମ୍ପାଦକ, BDIEA, ବ୍ରହ୍ମପୁର

ଶୁଣ ବୀମା କର୍ମୀ, ବୀମାକାରୀ, ବୀମାଧାରୀ ଭାଇ, ଭଉଣୀଙ୍କୁ ସଦା କରେ ନମସ୍କାର ଜାଣି ।
ସକଳ ସ୍ତର ଜନସାଧାରଣଙ୍କୁ ଜୁହାର ମୋହର ଦେଶର ଜାତିର ଲଢ଼େଇ ଏ – କାହାଣୀ ॥
କାହାଣୀଟିକୁ ଏବେ ଗାହାଣୀ ଗୀତ କରିଛି ମନ ଦେଇ ଶୁଣ ସତ୍ୟ ଘଟଣାରହିତବାଣୀ ।
ହିତବାଣୀ ସତ ଲଢ଼ିବା ବନ୍ଧୁ ଆସ ନିଜ ଜୀବନକୁ ତିଳେ ଛଡ଼ାଇ ଦେବା ସଦା ପାଣି ॥
ନବେ ଦଶକରେ ନବ୍ୟ–ଉଦାରୀକରଣ, ଜଗତି କରଣ, ଘରୋଇକରଣ ନୀତି କଲେଜାଣି ।
ଭାରତ ଭଳି ରାଷ୍ଟ୍ରେ ଏ କି ବିଚାର କଲେ ସରକାର ନୀତି ଆଗେଇ ନେଇଛନ୍ତି ଜାଣିଶୁଣି ॥
ଶିକ୍ଷା, ସ୍ୱାସ୍ଥ୍ୟ, ସେବା କ୍ଷେତ୍ରରେ ଘରୋଇ କରଣ ନୀତି ନିର୍ଘଣ୍ଟ ଜୋର ଆଗେଇ ନେଲେଣୀ ।
ଦେଶର ରାଷ୍ଟ୍ରାୟତ୍ତ ଉଦ୍ୟୋଗର ବିକ୍ରିବଟାକାରୀ, କର୍ପୋରେଟମାନଙ୍କୁ ସଦା ପୋଷିଲେଣି ॥
ଦେଶର ବୀମା, ବ୍ୟାଙ୍କ୍, ରେଳବାଇ, ପ୍ରତିରକ୍ଷା କ୍ଷେତ୍ରରେ ଏଫ୍.ଡ଼ି.ଆଇ କରୀ କରାଇ ଦେଲେଣି ।
ଏବେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ବିନିଯୋଗକାରୀ, ରାଷ୍ଟ୍ରକୁ ବନ୍ଧା ପକାଇ ଦିନ ହିନ କଲେଣି ॥
ଜଳ, ଜମି, ଜଙ୍ଗଲ, ଖଣି, ପ୍ରାକୃତିକ ସଂପଦକୁ, ଗୋଡ଼ି, ମାଟି ଦରରେ ବିକ୍ରିବଟା କଲେଣୀ ।
ଠିକା, ଅସ୍ଥାୟୀ ବ୍ୟବସ୍ଥା, ନିଯୁକ୍ତି ବନ୍ଦକରୀ, ଶିକ୍ଷିତ ସମାଜଙ୍କୁ ସଦା ହଟହଟା କଲେଣୀ ॥
ନିତ୍ୟ–ବ୍ୟବହାର୍ଯ୍ୟ ଜିନିଷର ଦରଦାମ୍‌ରେ, ଦେଶର ଜନ ସାଧାରଣ ଛଟ ପଟ ହେଲେଣୀ ।
ଦେଶର ଜନସାଧାରଣଙ୍କ ବଂଚିବାର ଅଧିକାର, ଏବେ କେନ୍ଦ୍ରର ମୋଦି ଛଢ଼େଇ ନେଲେଣି ॥
ଭାରତ ଆମେରିକା ସାମରିକ ଚୁକ୍ତି ଦେଶର, ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି ହେଲାଣି ।
କାଶ୍ମୀର ରାଜ୍ୟରେ ଏବେ ଚାଲିଛି ହିଂସାକାଣ୍ଡ, ଏନ୍.ଡ଼ି.ଏ.ର ସ୍ୱପ୍ନରେ ନିଦ ହଜିଗଲାଣି ॥
ସର୍ବ ଧର୍ମ ସମ୍ମନ୍ୱୟର ଦେଶ ଭାରତକୁ ଜାତି, ଧର୍ମ, ବର୍ଣ୍ଣ ଭେଦରେ ଭାଗ ଭାଗ କଲେଣୀ ।
ମୋଦିଙ୍କ ମେକ୍ ଇଣ୍ଡିଆ, ଷ୍ଟାଟ୍ ଅଫ୍ ଇଣ୍ଡିଆ, ଦେଶହିତରେ କି ସର୍ବନାଶ ଯେ କରିଦେଲେଣୀ ॥
ସ୍କିଲ୍ ଇଣ୍ଡିଆ, ଡିଜିଟାଲ୍ ଇଣ୍ଡିଆ, ବିକାଶ ‘‘ନା’’ ବିନାଶ ପଥରେ ଭାରତକୁ ସର୍ବେ ନେଲେଣୀ ।
ଦେଶ ରାଇଜ ହିତେ କାର୍ଯ୍ୟ ଉପଲକ୍ଷେ ଯାଇଥାନ୍ତି, ନେତା କରନ୍ତି ନିଜ ହତ ସାଧନ ଜାଣି ॥
ଦେଶ–ବିଦେଶ ଗସ୍ତରେ ପ୍ରଚାର, ପ୍ରସାର ଜଗତ ଦେଖିଲେ ମୋଦିଙ୍କର ଛବିର ଉଙ୍ଗିଠାଣି ।
ଫମ୍ପା ମାଠିଆ ଟି’ର ଶବଦ ବେଶୀ ହେ ଭାଇନା, ନାନା ସାରାଦେଶ ଜନ ଜାଗି ଉଠିଲେଣି ॥
ଏ ଦେଶ ଜାତିର କି ଟେକ ରଖିବେ ହେ, ସଂକଟ ଉପରେ ରାହୁ ଗ୍ରାସକରୀ ହଜମ କଲାଣୀ ।
ବିକାଶ ନାମରେ ଶ୍ରମିକଙ୍କ ଦୁର୍ଦ୍ଦଶା, ବିନାଶକୁ ସରକାରୀ କଳ ସର୍ବେ ଏବେ ଡାକି ଦେଲେଣୀ ॥
ଏନ୍.ଡ଼ି.ଏ. ସରକାର ନାହିଁ ଦରକାର ଭାଇନା, ଜନ ଜାଗରଣ ଦେଶେ ପ୍ରତିଦିନ ହେଲାଣୀ ।
ମୋଦିଙ୍କ ଶାସନ ଦୁଇବର୍ଷ ଛଅମାସ, ବିଦେଶ ଭ୍ରମଣରେ ପ୍ରଥମ ବ୍ୟକ୍ତିରେ ଗଣା ହେଲେଣି ॥
ଦେଶର କର୍ତ୍ତା, ଭାଗ୍ୟ ବିଧାତା ବିକାଶ କଥା କହି, ବିନାଶ ରାସ୍ତାରେ ସର୍ବସ୍ୱ ପଥ କଲେଣି ।
ଶ୍ରମିକ, କୃଷକ, ଛାତ୍ର, ଯୁବକ, ଯୁବତୀ, ଜାଗ୍ରତ, ହେଲେଣି ସତ୍ୟ ନ୍ୟାୟ, ଲଢ଼େଇକୁ ଜାଣି ॥
ସଂଘ ସମୂହ ଆମର ବାରଦଫା ଦାବୀକୁ ନେଇ, ସରକାରଙ୍କ ଠାରେ ନିକ୍ଷେପ କଲେ ଆଣି ।
ଥରେ ସରକାର ପ୍ରତିଶୃତି ଦେଇ ଦେଶବାସୀ, ଶ୍ରମିକଙ୍କୁ ଠକି ନିଜ ଇଚ୍ଛାରେ ଗଲେଣି ॥
ଦୁଇ ବରଷରେ ଦୁଇଥର ସେପ୍ଟେମ୍ବର ଦୁଇ ତାରିଖ, ଧର୍ମଘଟ ପାଇଁ ନିଷ୍ପତ୍ତି ଶ୍ରମିକ ନେଲେଣି ।
ଏକତ୍ର ବିଚାର ଶ୍ରମିକ ସଂଘ ସମୂହଙ୍କ, ଧର୍ମଘଟ ପାଳନ କରିଲେ ଦେଶର ଜନତାଙ୍କ ଶ୍ରେଣୀ ॥
ଏହା ଜାଣି ଦଶଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ଓ ଶ୍ରମିକ କର୍ମଚାରୀ ଫେଡ଼େରେସନ୍ ଏକର ବାଣୀ ।
ଜନ ସାଧାରଣଙ୍କ ବିପୁଳ, ସାହାର୍ଯ୍ୟ, ସହଯୋଗ, ସମର୍ଥନରେ ଧର୍ମଘଟ ସଫଳ ହେଲା ପୁଣି ॥
ବିକାଶ ନାମରେ ମୋଦି ସରକାର ଆଉ ଦଶପାଦ ଆଗକୁ ବଢ଼ିଛନ୍ତି ସବୁ ଦେଖି ଶୁଣିଜାଣି ।
ଦେଶବାସୀଙ୍କୁ ସର୍ବଦା ବିକାଶ କଥା କହି ବିନାଶ ପଥରେ ଆଗେଇ ସମସ୍ତ ନେଲେଣି ॥
ଭାରତ ମାତା ଗୋ ମୋଦି ଏନ୍.ଡ଼ି.ଏ. ଦଳ, ବଳକୁ ଚେତାଅ, ବତାଅ ସର୍ବଦା ବାଟକୁ ଆଣୀ ।
ଲେଖିଅଛି ଗାହାଣୀ ଗୀତେ, ବୀମା କମ୍ରେଡ଼୍‌ହିତେ ଜନ ସାଧାରଣଙ୍କର ଏହି ଲଢ଼େଇବାଣୀ ॥
ଲଢ଼େଇର ବାଣୀ ସଂଘର୍ଷର ଏ କାହାଣୀ ପାଳନ କର ହେ ମୋହର ବୀମା କର୍ମୀ ଭାଇ ଭଉଣୀ ।
ଅଖିଳ ଭାରତ ବୀମା କର୍ମଚାରୀ ସଂଘ ଶିକ୍ଷା, ଦିକ୍ଷା ଇତିହାସ ରଚି ଅଛି ସହହା ଏହି କାହାଣୀ ॥

❖ ❖ ❖

୬ ପୃଷ୍ଠାର ଅବଶିଷ୍ଟାଂଶ

ମଧ୍ୟ ଏହି ନିୟମ ପ୍ରଯୁଜ୍ୟ । ଏହି ସଂଗ୍ରାମ ନିର୍ଭର କରିବ ଆମ ଦେଶର ପରିସ୍ଥିତି ଉପରେ । ଡିମିଟ୍ରଭ୍‌ଙ୍କ ଭାଷାରେ ‘‘**as development of fascism assumes different forms in different countries, according to historical, social and economic conditions and to the national peculiarities, and international position of the given country.**’’

ବିଭିନ୍ନ ଦେଶର ପରିସ୍ଥିତିରେ ଏପରି ଭିନ୍ନତା ସତ୍ତ୍ୱେ ସମସ୍ତଙ୍କ କ୍ଷେତ୍ରରେ ମୂଳ ନିର୍ଦ୍ଦେଶିକା ହେଉଛି ମାର୍କ୍ସବାଦ – ଲେନିନ୍‌ବାଦ । ମାତ୍ର ମାର୍କ୍ସବାଦ – ଲେନିନ୍‌ବାଦ ଏକ ଆପ୍ତ ବାକ୍ୟ ନୁହେଁ, ଏହା ହେଉଛି କାର୍ଯ୍ୟ ସମ୍ପାଦନ ପାଇଁ ମାର୍ଗ ଦର୍ଶନ । ଲେନିନ୍‌ଙ୍କ ଭାଷାରେ ବାସ୍ତବ ପରିସ୍ଥିତିର ବସ୍ତୁନିଷ୍ଠ ବିଶ୍ଳେଷଣ ହେଉଛି ଦ୍ୱନ୍ଦ୍ୱର ସାରମର୍ମ । ଲେଲିନ୍ ଆହୁରି କହିଛନ୍ତି : **– Left wing communism : An infantile disorder : Collected works Vol. 31** ରେ ଲେନିନ୍ ଲେଖିଛନ୍ତି, **"Communists should know that the future, at any rate, belongs to them; therefore, we can and must combine the most intense passion in the great revolutionary struggle with the coolest and most suber evaluation of the mad ravings of the bourgeoises:** ତୁର୍କୀର ବିପ୍ଲବୀ କବି ନଜିମ୍ ହିକମତ୍‌ଙ୍କ ଭାଷାରେ ‘‘**The great humanity has no shade on its soil ! No lamp on his road, no glass on his window, but the great humanity has hope.**’’ ଆଶା ବିନା ଆମେ ବଞ୍ଚିବା ଅସମ୍ଭବ । ଭୁଲିଗଲେ ଚଳିବ ନାହିଁ ଯେ ‘ଆମକୁ ଜୟ କରିବାକୁ ହେବ ଏକ ପୃଥିବୀ !’’

❖ ❖ ❖



# ଚିନ୍ତାହୀନ ପଦକ୍ଷେପ

ଗଜେନ୍ଦ୍ରନାଥ ମହାନ୍ତି, ଉପସଭାପତି, AIIPA

୨୦୧୪ ନିର୍ବାଚନର ପ୍ରଚାର ବେଳେ ମୋଦି କହିଥିଲେ – କଂଗ୍ରେସକୁ ୬୦ ବର୍ଷ ଦେଶ ଶାସନ କରିବାକୁ ଦେଲ ମୋତେ ୬୦ ମାସ ଦେଇ ଦେଖ । ସେହି ୬୦ ମାସର ଅବଧିରୁ ୩୦ ମାସ ଅର୍ଥାତ୍ ଅଧାଅଧି ଶେଷ ହେବାକୁ ଯାଉଛି । ସେ ସେତେବେଳ ଅନ୍ୟାନ୍ୟ ମନ ଭୁଲାଣିଆ ସ୍ଲୋଗାନ ଭିତରେ ''ଆଚ୍ଛେ ଦିନ''ର ପ୍ରତିଶ୍ରୁତି ଦେଇଥିଲେ । ସେହି ''ଆଚ୍ଛେ ଦିନ''ର ଗୋଟିଏ ନମୁନା ଏବେ ଦେଶ ସାରା ହାଟରେ ପଡ଼ି ବାଟରେ ଗଡ଼ଗଡ଼ୋଉଛି । ଏହି ନଭେମ୍ବର ୮ ତାରିଖରେ ନରେନ୍ଦ୍ର ମୋଦି ରେଡ଼ିଓ ଓ ଟେଲିଭିଜନ ଜରିଆରେ ହଠାତ୍ ଘୋଷଣା କରି ଦେଲେ ଯେ ସେ ଦିନ ମଧ୍ୟ ରାତ୍ରରୁ ଦେଶରେ ୫୦୦ ଓ ୧୦୦୦ ଟଙ୍କିଆ ନୋଟ ଅଚଳ ହୋଇଯିବ । ଦେଶରୁ କଳାଟଙ୍କାକୁ କବର ଦେବା ପାଇଁ (?) ସେ ଏହି ପଦକ୍ଷେପ ନେବେ ବୋଲି ଦେଶବାସୀଙ୍କୁ ଜଣାଇ ଦେଲେ । ଏହା ତାଙ୍କର ଘୋଷିତ ''ଆଚ୍ଛେ ଦିନ'' ଦିଗରେ ଏକ ପଦକ୍ଷେପ ବୋଲି ପ୍ରଚାର ହେଲା । ପୁରୁଣା ୫୦୦ ଓ ୧୦୦୦ ଟଙ୍କିଆ ନୋଟ ଅଚଳ ହେବା ଆଜି ଦିନ ପର୍ଯ୍ୟନ୍ତ ଅବସ୍ଥା କ'ଣ ? ସେହିଦିନଠାରୁ ଦେଶର ଗଣମାଧ୍ୟମଗୁଡ଼ିକ ଏହି ପଦକ୍ଷେପ ଯୋଗୁଁ ଲୋକେ କିପରି ହଇରାଣ ହରକତ୍ ହେଉଛନ୍ତି ତାର ଚିତ୍ର ଦେଇ ଆସୁଛନ୍ତି ।

ଦୈନିକ ଧରିତ୍ରୀ (ନଭେମ୍ବର ୧୩,୨୦୧୬) ପୃଷ୍ଠ ୧୧ – ''ବେପାର ବୁଡ଼ିଲା– ଆମ ହାତ ବାନ୍ଧି ହୋଇଗଲା'' ଶୀର୍ଷକ ସମ୍ବାଦରେ ତାହା ଏପରି ଲେଖିଛନ୍ତି – '' ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ୫୦୦ ଓ ୧୦୦୦ ଟଙ୍କିଆ ନୋଟ ଅଚଳ ଘୋଷଣା କରିବା ପରେ ଗତ ୯ ତାରିଖରୁ ସାରା ଭାରତରେ ସୃଷ୍ଟି ହୋଇଛି ଆର୍ଥିକ ଓ ସାମାଜିକ ଅଚଳାବସ୍ଥା । ଏବେ ସକାଳ ହେଲେ ଲୋକଙ୍କ ଗୋଟିଏ ଲକ୍ଷ୍ୟ ବ୍ୟାଙ୍କ ଯାଇ ଅଚଳ ଟଙ୍କା ବଦଳାଇବା । ସବୁ କାମ ଛାଡ଼ି ବ୍ୟାଙ୍କରେ ଟଙ୍କା ବଦଳ କରିବା କିମ୍ବା ଏଟିଏମ୍ କାଉଣ୍ଟର ଆଗରେ ଧାଡ଼ି ଲଗାଇ ଟଙ୍କା ଉଠାଇବା ସବୁଠାରୁ ବଡ଼ କାମ ହୋଇଛି । ଦୈନିକ ଖର୍ଚ୍ଚ ପାଇଁ ଘରେ ଥିବା ୨/୪ ହଜାର ଟଙ୍କା ଯଦି ନ ବଦଳାଯିବ ତାହାହେଲେ ଗୁଜରାଣ କିଭଳି ମେଣ୍ଟାଇ ହେବ ? ଏହି ପ୍ରଶ୍ନ ଏବେ ସାଧାରଣ ଲୋକଙ୍କୁ ବ୍ୟସ୍ତ କରୁଛି । ସମାନ ଅବସ୍ଥା ବଜାର, ଗମନାଗମନ, ସ୍ୱାସ୍ଥ୍ୟ ସେବା ଭଳି କେତେକ କ୍ଷେତ୍ରରେ ସୃଷ୍ଟି ହୋଇଛି । ଯଦିଓ କେତେକାଂଶରେ ନୂଆ ୨ ହଜାର ଟଙ୍କିଆ ନୋଟ ଲୋକଙ୍କ ହାତକୁ ଆସୁଛି ହେଲେ ତାହା ଖୁଚୁରା ହୋଇପାରୁନାହିଁ । କାରଣ ୧୦୦ ଓ ୫୦ ଟଙ୍କିଆ ନୋଟ ଆବଶ୍ୟକ ଅନୁଯାୟୀ ମିଳିପାରୁନାହିଁ । ବ୍ୟାଙ୍କ୍ ପକ୍ଷରୁ ମଧ୍ୟ ଖୁଚୁରା ଛୋଟ ନୋଟ ଯୋଗାଇ ଦିଆଯାଇପାରୁନାହିଁ । ଏହାର ପରିଣାମ ସ୍ୱରୂପ ବ୍ୟବସାୟୀ, ଉଠାଦୋକାନୀ, ଅଟୋଚାଳକ, ଚା–ପାନ ଦୋକାନୀ ବେପାର କରି ନ ପାରି ହାତ ବାନ୍ଧି ବସିଛନ୍ତି । ଅଚଳ ସତ୍ତ୍ୱେ ୫୦୦ ଓ ୧୦୦୦ ଟଙ୍କିଆ ନୋଟ ଗ୍ରାହକ ବଢ଼ାଉଛନ୍ତି । ଫଳରେ ଖୁଚୁରା ବେପାରୀ ସାମଗ୍ରୀ ବିକି ନ ପାରି ବ୍ୟାପକ କ୍ଷତି ସହୁଥିବାବେଳେ ଲୋକେ ଘରକରଣା ଓ ଖାଦ୍ୟପେୟ ସାମଗ୍ରୀ କିଣି ନ ପାରି ହନ୍ତସନ୍ତ ହେଉଛନ୍ତି ।'' ୫୦୦ ଓ ୧୦୦୦ ଟଙ୍କିଆ ନୋଟ ହଠାତ୍ ଅଚଳ କରି ଦିଆଯିବା ଫଳରେ ଯେପରି ନାହିଁ ନ ଥିବା ଅଭାବନୀୟ ପରସ୍ଥିତି ସୃଷ୍ଟି ହୋଇଛି । ଦୈନିକ ଧରିତ୍ରୀର ଉପରୋକ୍ତ ବକ୍ତବ୍ୟରେ ତାହା ପ୍ରତିଫଳିତ ହୋଇଛି । ମୋଦି ଯେଉଁ ''ଆଚ୍ଛେ ଦିନ''ର ପ୍ରତିଶ୍ରୁତି ନିର୍ବାଚନବେଳେ ଦେଇଥିଲେ ତାଙ୍କ ଶାସନର ଅଢ଼େଇ ବର୍ଷ ପୂରଣ ହେବାକୁ ଯାଉଥିବା ବେଳେ ଦେଶବାସୀ ଆଜି ତାହା ଯେ କିପରି ଅଙ୍ଗେ ନିଭାଉଛନ୍ତି ।

ଏହି ସ୍ତମ୍ଭରେ ଆଗରୁ ଆଲୋଚନା ହୋଇଛି ଯେ ମୋଦି କୌଣସି କାମ ରାଜନୈତିକ ଉଦ୍ଦେଶ ନ ଥାଇ କରନ୍ତି ନାହିଁ ଏବଂ ୨୦୦୨ର ଗୁଜରାଟ ଦଙ୍ଗା ଯେପରି ସମ୍ପୃକ୍ତ ରାଜ୍ୟରେ ତାଙ୍କର ରାଜନୈତିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ ଥିଲା – ଆଜି ଏହି ବିମୁଦ୍ରୀକରଣ ସୁନାମୀ ପଛରେ ବି ସେହିପରି ଉଦ୍ଦେଶ୍ୟ ନାହିଁ ସେ କଥା ନୁହେଁ । ଗତ ୧୨ ତାରିଖ ରାତି ୧୦ଟାରୁ ୧୧ଟା ୧୫ ପର୍ଯ୍ୟନ୍ତ ଇଣ୍ଡିଆ ଟିଭି (ବୈଦ୍ୟୁତିକ ଗଣମାଧ୍ୟମ)ରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କୁ ''ଆପ କି ଅଦାଲତ'' କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା । ସମ୍ପୃକ୍ତ ଆଙ୍କର ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଅର୍ଥମନ୍ତ୍ରୀ ପ୍ରକାରାନ୍ତରେ ସ୍ୱୀକାର କରିଛନ୍ତି ଦୁଇଟି କଥା । ଗୋଟିଏ କଥା ହେଉଛି ଏପରି ଏକ ପଦକ୍ଷେପ ଉପରେ ତାଙ୍କ ମନ୍ତ୍ରୀ ପରିଷଦକୁ ଯେପରି ଭାବେ ବିଶ୍ୱାସକୁ ନେବା କଥା ମୋଦି ତାହା କରିନାହାଁନ୍ତି । ଦୂରଦର୍ଶନ ଓ ଆକାଶବାଣୀ ଜରିଆରେ ନିଜେ ଘୋଷଣା କରିବାର ମାତ୍ର କେତେ ମିନିଟ୍ ଆଗରୁ ମନ୍ତ୍ରୀ ପରିଷଦ ଆଗରେ ତାହା ରଖାଯାଇଥିଲା ଏହି ନିଷ୍ପତ୍ତି ଯୋଗୁଁ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି ହେବ ତା ଉପରେ ଆଲୋଚନା କରାଯାଇ ନଥିଲା । ଏପରି ଏକ ନିଷ୍ପତ୍ତି ଘୋଷଣା ହେବାର ଯଥେଷ୍ଟ ପୂର୍ବରୁ ମନ୍ତ୍ରୀ ପରିଷଦ ସହିତ ବିଚାର ବିମର୍ଷ କରିଥିଲେ କଣ ହୋଇଥାଆନ୍ତା ? ମନ୍ତ୍ରୀ ପରିଷଦର ସଦସ୍ୟମାନେ କ'ଣ ଏତେ ଦାୟିତ୍ୱହୀନ ? ଦ୍ୱିତୀୟ କଥା ଯାହା କେନ୍ଦ୍ର ଅର୍ଥମନ୍ତ୍ରୀ ସ୍ୱୀକାର କରିଛନ୍ତି ତାହା ହେଉଛି, ଏହି ଘୋଷଣାର ଅବ୍ୟବହିତ ପୂର୍ବରୁ ବିଜେପି ତହବିଲ୍‌ରେ କୋଟି କୋଟି ଟଙ୍କା ଜମା ପଡ଼ିବା । ''ନଭେମ୍ବର ୮ ତାରିଖ ଅପରାହ୍ଣରେ ବିଜେପି ଆକାଉଣ୍ଟରେ କଲିକତାରେ ଏକକୋଟି ଟଙ୍କା ଡିପୋଜିଟ୍ ହୋଇଛି ଏବଂ ତାହା ୫୦୦ ଓ ୧୦୦୦ ଟଙ୍କିଆ ନୋଟରେ ହୋଇଛି । ସେହିଦିନ ରାତି ୮ଟାରେ ମୋଦି ଉକ୍ତ ଡିନୋମିନେସନ ନୋଟ ଅଚଳ ହେଲା ବୋଲି ଘୋଷଣା କରୁଛନ୍ତି । ବିଜେପି ରାଜ୍ୟ ଶାଖାର କୋଷାଧ୍ୟକ୍ଷ ଏହାକୁ ଏକ ''**Coincidence**'' (କାକତାଳୀୟ) ଘଟଣା ବୋଲି କହିଛନ୍ତି । ଏହା କଣ ସତରେ କାକତାଳୀୟ ନା ସରକାରଙ୍କର ପଦକ୍ଷେପର ସୁରାକ ଆଗରୁ ପାଇ ତାହା କରାଯାଇଥିଲା ? ଅରୁଣ ଜେଟ୍‌ଲି ଏପରି ଡିପୋଜିଟ୍ ହେବା କଥାଟା ସ୍ୱୀକାର କରିଛନ୍ତି । ଏହି ଟଙ୍କା ଜମା ଉପରେ ବିଜେପିକୁ ଜୋରିମାନା ହେବ କି ?

ଦେଶରେ ଅର୍ଥନୀତିକୁ ଗୁରୁତର ଭାବେ ପ୍ରଭାବିତ କରୁଥିବା କଳାଧନକୁ କବ୍‌ଜା କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ବୋଲି ମୋଦି ସରକାରଙ୍କର ପକ୍ଷରୁ ସଫେଇ ଦିଆଯାଉଛି । ଜଷ୍ଟିସ୍ ୱାଂଚୁ କମିଟି ଏପରି ଏକ ପ୍ରସ୍ତାବ ବହୁ ପୂର୍ବରୁ ଦେଇଥିଲେ ସେତେବେଳେ ଯେ ଉଚ୍ଚ ମୂଲ୍ୟର ମୁଦ୍ରାକୁ ଅଚଳ କରିବାର କଥା କହିବା ସଙ୍ଗେ ସଙ୍ଗେ ସ୍ଥାବର ସମ୍ପତ୍ତିକୁ ଘୋଷିତ ମୂଲ୍ୟଠାରୁ କିଛି ଅଧିକ ମୂଲ୍ୟ ଦେଇ ଜାତୀୟକରଣ କରି ଦେବାର ପ୍ରସ୍ତାବ ବି ଦେଇଥିଲେ । ଦେଶରେ କଳାଧନ ବହୁତ ହୋଇପାରେ । କିନ୍ତୁ ସେହି କଳାଧନର ଅଧିକାରୀଙ୍କ ସଂଖ୍ୟା କେତେ ହୋଇପାରେ ? ସେହି ସ୍ୱଳ୍ପ ସଂଖ୍ୟକଙ୍କୁ ନ ଧରି ଏପରି ଆର୍ଥିକ ସୁନାମୀ ସୃଷ୍ଟି କରିବା ଏକ ଅବିମୃଷ୍ୟକାରୀ ପଦକ୍ଷେପ । ଅତୀତରେ ଏପରି ବିମୁଦ୍ରାକରଣ ପଦକ୍ଷେପ ଆମ ଦେଶରେ ନିଆଯାଇଥିଲା । ସେତେବେଳେ କିନ୍ତୁ ଏତେ ଅଧିକ ସଂଖ୍ୟକ ଲୋକେ ହାହାକାର କରି ନ ଥିଲେ । କାରଣ ଯେଉଁ ଉଚ୍ଚ ଡିନୋମିନେସନ୍‌ର ନୋଟକୁ ସେତେବେଳେ ପ୍ରତ୍ୟାହାର କରାଯାଇଥିଲା ତାହା ଏତେ ଅଧିକ ସଂଖ୍ୟକଙ୍କୁ ଆଘାତ କରି ନ ଥିଲା ।

ଅବଶିଷ୍ଟାଂଶ ୯ ପୃଷ୍ଠାରେ

ଏବେ କିନ୍ତୁ ଟଙ୍କାର ଅବମୂଲ୍ୟାୟନ ଯୋଗୁ ଘରେ ଘରେ ୫୦୦ ଓ ୧୦୦୦ ଟଙ୍କିଆ ନୋଟ । ବେପାରର ଅତି ଛୋଟିଆ କାରବାରରେ ବି ସେହି ନୋଟ ବ୍ୟବହୃତ ହେଉଛି । ତେଣୁ କୋଟି କୋଟି ଦେଶବାସୀଙ୍କୁ ମୋଦି ସରକାରଙ୍କର ଏହି ନିଷ୍ପତ୍ତି ଆର୍ଥିକ ସୁନାମୀ ପରି ଆଘାତ କରି କ୍ଷତ ବିକ୍ଷତ କରିଛି ।

ଏହି ନିଷ୍ପତ୍ତି କ'ଣ ସତରେ କଳାଟଙ୍କା କାରବାରକୁ କବର ଦେବ ? କଳା ଟଙ୍କାର ମାଲିକମାନେ ଅତିଧୂର୍ତ୍ତ । ସେମାନେ ଟଙ୍କାକୁ ନଗଦ ଆକାରରେ ନ ରଖି ସୁନା ବା କୌଣସି ନା କୌଣସି ସ୍ଥାବର ସମ୍ପତ୍ତିରେ ପରିଣତ କରିଛନ୍ତି ବା ବିଦେଶୀ ମୁଦ୍ରା ଆକାରରେ ରଖିଛନ୍ତି । କଳାଟଙ୍କା ସୃଷ୍ଟିର ଗୋଟିଏ ବଡ଼ ରାସ୍ତା ହେଉଛି ଆମଦାନୀ ରପ୍ତାନିର ରାସ୍ତା । ସେସବୁରେ କେଉଁମାନେ ସମ୍ପୃକ୍ତ । ଏହି ସବୁ କାରବାର ଯେପରି ଆଇନସମ୍ମତ ହେବ ତାହା ଦେଖିବା ପାଇଁ ସରକାର ସଂସ୍ଥାମାନେ ଅଛନ୍ତି । ଆୟକର ବିଭାଗ ଅଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆଦି ରହିଛନ୍ତି । ବ୍ୟାଙ୍କରୁ ଋଣ ନେଇ ବିଜୟ ମାଲ୍ୟାଙ୍କ ପରି ସୁଝୁ ନଥିବା ଲୋକଙ୍କ ସଂଖ୍ୟା କେତେ ? ସେମାନଙ୍କୁ ଧରାଯାଇପାରୁନାହିଁ କାହିଁକି ? ଚିଟ୍‌ଫଣ୍ଡ ଦୁର୍ନୀତି ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ମଧ୍ୟରୁ କେତେ ଜଣ ଦଣ୍ଡିତ ହେଲେଣି ? ହୋଇପାରୁ ନି କାହିଁକି ? ହୋଇ ପାରୁନି କାରଣ ତାହା କରିବ କିଏ ? ଯିଏ କରିବ ସେହି ସଂସ୍ଥା ବି ଦୁର୍ନୀତିଗ୍ରସ୍ତ । ମୋଦି କ'ଣ ଏକଥା ଜାଣି ନାହାଁନ୍ତି ? ସେ ନିଶ୍ଚୟ ଜାଣିଥିବେ ଯେ ସେ ଅତୀତରେ ଯଦି ଏପରି ମୁଦ୍ରାକୁ ଅଚଳ କରି କଳାଟଙ୍କାର ବାଟ ବନ୍ଦ କରାଯାଇପାରିନି ଏବେ ବି ହେବନି । ତାହା ହେଲେ ସେ ଏପରି ଏକ ପଦକ୍ଷେପ ନେଲେ କାହିଁକି ?

ଏପରି ଏକ ପଦକ୍ଷେପ ନେବା ପଛରେ ରାଜନୀତି ରହିଛି । ଏହି ଅଢ଼େଇ ବର୍ଷ ମଧ୍ୟରେ ସେ ଦେଶବାସୀଙ୍କ ପାଇଁ 'ଆଚ୍ଛେ ଦିନ' ଆଣିବା ଦିଗରେ ଚରମ ବ୍ୟର୍ଥତାର ନିଦ୍ଦର୍ଶନ ହୋଇଯାଇଛନ୍ତି । ସନ୍ତ୍ରାସବାଦ ପ୍ରଶ୍ନ ଉପରେ ପାକିସ୍ଥାନକୁ ଏକ ଘରିକିଆ କରିବା ପାଇଁ ମୋଦିଙ୍କର ସମସ୍ତ ଚେଷ୍ଟା ସତ୍ତ୍ୱେ ତାହା ସମ୍ଭବ ହୋଇନାହିଁ । ଅଧିକାଂଶ ବଡ଼ ବଡ଼ ଦେଶ ମୋଦିଙ୍କ କଥା ଶୁଣି ନ ଶୁଣିଲା ପରି ରହିଛନ୍ତି । ଏନ.ଏସ.ଜି.ର ସଭ୍ୟ ହୋଇ ବାହାଦୂରୀ ଦେଖାଇବା ପାଇଁ ତାଙ୍କର ଚେଷ୍ଟା ବି ସେପରି ବ୍ୟର୍ଥ ହୋଇଛି । ସେପ୍ଟେମ୍ବର ୨୯ ତାରିଖରେ ନିୟନ୍ତ୍ରଣ ରେଖା ସେ ପାଖକୁ ଯାଇ ସନ୍ତ୍ରାସବାଦୀଙ୍କ ଶିବିରକୁ ଧୂଳିସାତ କରିଛନ୍ତି ବୋଲି ଦାବି କରିବା ପରେ ବି ପାକିସ୍ଥାନ ସୀମାରେ ଯେପରି ଉତ୍ତେଜନା ଥିଲା ତାହା ସେହିପରି ଲାଗି ରହିଛି । ଦେଶବାସୀଙ୍କର କୌଣସି ମୌଳିକ ସମସ୍ୟାର ସମାଧାନ ହେଲା ନାହିଁ– ବୈଦେଶିକ ନୀତି ବ୍ୟର୍ଥ । କଣ ଦେଖାଇ ଆଗାମୀ ବର୍ଷ ହେବାକୁ ଯାଉଥିବା ନିର୍ବାଚନ ଜିତିବେ ? ଗୋଟାଏ ଦୁଇଟା ନୁହେଁ, ଛଅଟା ରାଜ୍ୟରେ ନିର୍ବାଚନ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ହେଉଛି ଉତ୍ତରପ୍ରଦେଶ ବିଧାନସଭା ପାଇଁ ନିର୍ବାଚନ । ତା ସାଙ୍ଗରେ ଅଛି ପଞ୍ଜାବ ନିର୍ବାଚନ । ଏହି ନିର୍ବାଚନ ଗୁଡ଼ିକରେ ପରାଜୟ ତାଙ୍କ ପାଇଁ ୱାଟରଲୁ ହୋଇଯିବ । ତେଣୁ ସେହି ନିର୍ବାଚନକୁ ନିଜ ସପକ୍ଷରେ ପ୍ରଭାବିତ କରିବା ପାଇଁ ନରେନ୍ଦ୍ର ମୋଦି ଏପରି ଚିନ୍ତାହୀନ ପଦକ୍ଷେପ ନେଇଛନ୍ତି । ହତାଶ ହେବାରୁ ଏ ଆତସବାଜୀ ।

ବ୍ୟାଙ୍କମାନେ ଅଚଳ ନୋଟକୁ ନେଇ ନୂଆ ନୋଟ ଦେବା ପାଇଁ ପ୍ରସ୍ତୁତ ହୋଇନଥିଲାବେଳେ ଏପରି ଘୋଷଣା ଦେଶରେ ଅରାଜକତା ସୃଷ୍ଟି କରିଛି । ଡିସେମ୍ବର ୩୦ ତାରିଖ ଭିତରେ ବ୍ୟାଙ୍କରେ ପୁରୁଣା ଟଙ୍କା ଦେଇ ହେବ ଏବଂ ସେହି ଅବଧି ଭିତରେ ଯେଉଁ ଆକାଉଣ୍ଟରେ ୨.୫ ଲକ୍ଷରୁ ଅଧିକ ଟଙ୍କାର ପୁରୁଣା ନୋଟ ପଡ଼ିଥିବ ସେମାନଙ୍କୁ ଜୋରିମାନା ଦେବାକୁ ପଡ଼ିବ ବୋଲି ସରକାର ଘୋଷଣା କରି ଦେଲେ । ଏକଥା ଶୁଣି କେହି ସେପରି ଜମା କରିବେ କି ? ଏପରି ଘୋଷଣାକୁ କଳାଟଙ୍କା ବିରୋଧରେ ଗଢ଼ାଯାଇଥିବା ସିଟ୍‌ର ବିଚାରପତିମାନେ ବି ବିରୋଧ କରିଛନ୍ତି । ଏପରି ଏକ ଘୋଷଣା ଅପରାଧୀକୁ ସିଆଣା କରିବା ପରି ଘୋଷଣା । ଅଢ଼େଇ ବର୍ଷ ଭିତରେ ସବୁ ଫ୍ରଣ୍ଟରେ ବିଫଳ ହେବା ପରେ ମୋଦି ଏହି ହତାଶଗ୍ରସ୍ତ ପଦକ୍ଷେପ ନେଇ ସାରା ଦେଶରେ ଯେଉଁ ଅରାଜକତାର ବାତାବରଣ ସୃଷ୍ଟି କରିଛନ୍ତି ତାର ପରାଭବ ତାଙ୍କୁ ଆଗାମୀ ବିଧାନସଭା ନିର୍ବାଚନମାନଙ୍କରେ ନିଶ୍ଚୟ ମିଳିବ । ଏହି ଅବିମୃଶ୍ୟକାରୀ ପଦକ୍ଷେପ ଯୋଗୁଁ କଳାଟଙ୍କାର ଗନ୍ତାଘର ଉପରେ ଆକ୍ରମଣ ତ ହେବ ନାହିଁ–ସାଧାରଣ ବର୍ଗର ଲୋକଙ୍କୁ ନାହିଁ ନ ଥିବା ଅସୁବିଧା ଭିତରକୁ ଠେଲି ଦେଇ ଦିଆଯାଇଛି । ଜନଗଣଙ୍କ ବିରୋଧରେ ଏହା ସୁନାମି ଆକ୍ରମଣ ।

❖ ❖ ❖

୧୦ ପୃଷ୍ଠାର ଅବଶିଷ୍ଟାଂଶ

ପାଇଛି । ମୋଦିଙ୍କ ୨ ବର୍ଷରେ ପୁଞ୍ଜିପତିଙ୍କୁ ଅତିରିକ୍ତ ୩% ସଂପଦ ହସ୍ତାନ୍ତର ହୋଇଛି । ସ୍ୱାଧୀନତା ପୂର୍ବରୁ ଯେଭଳି ରାଜାଙ୍କ ନିୟନ୍ତ୍ରଣରେ ପ୍ରଦେଶ ସବୁଥିଲା, ବିଜେପି ଯଦି ଗତ ୬୨ ବର୍ଷ ଶାସନ ଦାୟିତ୍ୱ ପାଇଥାଆନ୍ତା ତେବେ ପୁଞ୍ଜିପତିଙ୍କ ନିୟନ୍ତ୍ରଣରେ ମଧ୍ୟ ଖଣ୍ଡେ ଖଣ୍ଡେ ପ୍ରଦେଶ ନାମିତ ହୋଇଯାଇଥାଆନ୍ତା । ସଦ୍ୟ ରିପୋର୍ଟରୁ ଜଣାପଡ଼ିଛି ଆମ୍ବାନୀର ସମ୍ପତ୍ତି ଦେଶର ୧୪ଟି ରାଜ୍ୟଠାରୁ ଅଧିକ ।

ସ୍ୱାସ୍ଥ୍ୟସେବା ପାଇଁ ବିଭିନ୍ନ ବିଷାରଦ କମିଟି ଅନ୍ୟୁନ ଜି.ଡ଼ି.ପିର ୫% ଖର୍ଚ୍ଚ ପାଇଁ ସୁପାରିଶ କରିଥିଲେ ହେଁ ସରକାର ୧.୧୫% ଖର୍ଚ୍ଚ କରୁଛି ଯେଉଁଥିପାଇଁ ଭାରତ ଆରୋହଣ କ୍ରମରେ ୧୬ତମ ସ୍ଥାନରେ । ଘରୋଇ ଚିକିତ୍ସା ବ୍ୟବସ୍ଥା ପାଇଁ ପ୍ରତିବର୍ଷ ୪ କୋଟି ଭାରତୀୟ ବି.ପି.ଏଲ୍ ତାଲିକାରେ ଯୋଡ଼ିହେଉଛନ୍ତି । ବର୍ଷକୁ ୧ କୋଟି ନିଯୁକ୍ତି ନିର୍ବାଚନୀ ପ୍ରତିଶ୍ରୁତି ଆଜି ପାଣିର ଗାର ହୋଇଛି । ସର୍ଜିକାଲ୍ ଆକ୍ରମଣ ଉତ୍ତେଜନା ପରିବେଶ ମଧ୍ୟରେ ପ୍ରଧାନମନ୍ତ୍ରୀ ଅଫିସ୍ ୧୭ଟି କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ସମ୍ପୂର୍ଣ୍ଣ ବିକ୍ରି ଓ ୨୨ଟି ଉଦ୍ୟୋଗରୁ ସରକାରଙ୍କ ଅଂଶଧନ ୫୧%ରୁ ହ୍ରାସ କରିବାକୁ ସୁପାରିଶ କରିଛନ୍ତି । ମୋଦି ସରକାରଙ୍କ ଶାସନରେ ଗାଈ ସୁରକ୍ଷିତ କିନ୍ତୁ ମଣିଷ ନୁହେଁ । ଗୋ ସୁରକ୍ଷା ନାମରେ ମୁସଲମାନ ଓ ଦଳିତଙ୍କୁ ଅକଥନୀୟ ଅତ୍ୟାଚାର ହତ୍ୟା କେବଳ କରାଯାଇନାହିଁ, ଏହା ଫଳରେ ଚମଡ଼ା ଶିଳ୍ପ ଉପରେ ନିର୍ଭରଶୀଳ ୨.୫ ମିଲିୟନ ମୁସଲମାନ ଓ ଦଳିତଙ୍କ ଜୀବିକା ବିପନ୍ନ ହୋଇଛି । ଆଇ.ଆଇ.ଟି. ମାଡ୍ରାସ, ହାଇଦ୍ରାବାଦସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଉନା, ମୁମ୍ବାଇରେ ଆମ୍ବେଦକଙ୍କ ସୌଧକୁ ଧ୍ୱଂସ କରିବା କାର୍ଯ୍ୟକଳାପକୁରୁ ସରକାରଙ୍କ ଦଳିତ ବିରୋଧୀ ଆଭିମୁଖ୍ୟ ସ୍ପଷ୍ଟ ବାରି ହୋଇପଡୁଛି । ଏହା ବିରୁଦ୍ଧରେ ଗୁଜୁରାଟରେ ଦଳିତ ଶୋଷଣ ମୁକ୍ତି ମଞ୍ଚ ପକ୍ଷରୁ ଦଳିତ ଅସ୍ମିତା ଯାତ୍ରା ଉନାରେ ସଙ୍ଗଠିତ କରାଯାଇଛି । ଛାତ୍ରମାନଙ୍କ ବିରୁଦ୍ଧରେ ମଧ୍ୟ ମୋଦି ସରକାର ହୁକୁମାଦି ଜାରି କରିଛନ୍ତି । ଦିଲ୍ଲୀରେ ଏକ ନିର୍ବାଚିତ ସରକାରଙ୍କୁ ପାଦେ ଆଗେଇବାକୁ ସୁଯୋଗ ଦିଆଯାଉନାହିଁ । ମୋଦି ଶାସନ କ୍ଷମତାକୁ ଆସିବା ପର୍ଯ୍ୟନ୍ତ ଯେଉଁ ଆର୍.ଏସ୍.ଏସ୍. ଦପ୍ତରରେ ତ୍ରିରଙ୍ଗା ଉତ୍ତୋଳନ ବାରଣ ଥିଲା ସେମାନେ ତ୍ରିରଙ୍ଗା ଯାତ୍ରା ନାମରେ ଛଳନା ଦେଶ ପ୍ରେମ ଦେଖାଇବାକୁ ଚେଷ୍ଟା କରୁଛନ୍ତି । ଏହା ବିରୁଦ୍ଧରେ ଯେହେତୁ ସାଧାରଣ ଜନତା ତାତିକି ଅଛନ୍ତି ମୋଦି ସରକାର ସର୍ଜିକାଲ୍ ଆକ୍ରମଣ ନାମରେ ଜନମାସକୁ ବିଭ୍ରାନ୍ତି କରିବାକୁ ଉଦ୍ୟମ କରିଛନ୍ତି । ଏ ସମସ୍ୟାକୁ ନେଇ ମୋଦି ନିର୍ବାଚନ ସମ୍ମୁଖୀନ ହେବାର ସୁସାହସ ନାହିଁ । ସେପ୍ଟେମ୍ବର ସର୍ଜିକାଲ୍ ଆକ୍ରମଣରେ ପାକିସ୍ଥାନର କ'ଣ ମୋଦି କ୍ଷତି ଘଟାଇଛନ୍ତି ତାହା ତ ଆମ ଅଜଣା କିନ୍ତୁ ଏଥିରୁ ସ୍ପଷ୍ଟ ଯେ ମୋଦି ଶାସନରେ ଆସିବା ପରଠୁଁ ମୁଦ୍ରାସ୍ଫିତି, ବେରୋଜଗାରୀ, ଅସହିଷ୍ଣୁତା, ପ୍ରତାରଣାର ଜ୍ୱାଳାରେ ଦେଶବାସୀ ବେହାଲ୍ ହୋଇଛନ୍ତି ।

❖ ❖ ❖



# ସର୍ଜିକାଲ ଆକ୍ରମଣରେ ଦେଶବାସୀ ବେହାଲ

ଅଭୟ କୁମାର ଦାସ, ସାଙ୍ଗଠନିକ ସମ୍ପାଦକ, CDIEA, କଟକ

୨୦୧୬ ସେପ୍ଟେମ୍ବର ୨୯ ତାରିଖ – ସବୁରି ତୁଣ୍ଡରେ ଗୋଟିଏ କଥା, ସବୁ ଗଣମାଧ୍ୟମରେ ଗୋଟିଏ ଖବର । ଦେଶସାରା ଯେଉଁ ଦେଶପ୍ରେମ ଓ ଜାତୀୟତାବାଦର ଚାଦର ବିଛାଯାଇଥାଏ ସେଥିରୁ ମନେ ହେବ ସତେ ଯେମିତି ଭାରତ ମଙ୍ଗଳ ଗ୍ରହରେ ଜୀବସତ୍ତାର ସନ୍ଧାନ ପାଇଛି ଅଥବା 'ବିଶ୍ୱ ବ୍ୟାଙ୍କ୍ ତତ୍ତ୍ୱ'ର ରହସ୍ୟ ଖୋଜିପାଇବାରେ ସଫଳ ହୋଇଛି । ଉତ୍ତର ଆଟଲାଣ୍ଟିକ ମହାସାଗରରେ ଥିବା ବରମୁଣ୍ଡା ତ୍ରିକୋଣ ଭୂମିରେ ରହସ୍ୟ ଜନକଭାବେ ଉଭା ହୋଇଯାଉଥିବା ଜାହାଜ ଉଡ଼ାଯାହାଜର ସଠିକ୍ କାରଣ ଭାରତ ଖୋଜି ପାଇଛି । କିନ୍ତୁ ଖବରଟା ସେଭଳି ଧରଣ ନ ହେଲେ ବି ସାଧାରଣ ଲୋକଙ୍କ ପାଇଁ ନୂଆ କରି ପ୍ରଚାର କରାଯାଉଥାଏ । ତାହା ହେଉଛି 'ସର୍ଜିକାଲ ଆକ୍ରମଣ' । ଏହାର ଅଭିଧାନିକ ଅର୍ଥ ହେଉଛି ଆକ୍ରଣକାରୀ କେତେ କମ୍ କ୍ଷତି ସହି ସତର୍କତାର ସହ ଶତ୍ରୁ ଇଲାକାରେ ଯାଇ ଆକ୍ରମଣକରି ସଫଳ ଭାବେ ନିଜ ସ୍ଥାନକୁ ଫେରି ଆସିବା । ସରକାର ଉଷ୍ମ ବାତାବରଣ ସୃଷ୍ଟି କରିବାର ଲକ୍ଷ୍ୟ ନେଇ ବିରୋଧୀ ଦଳର ନେତ୍ରୀ, ପୂର୍ବତନ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ତିନି ସେନାମୁଖ୍ୟଙ୍କ ସହ ଆଲୋଚନା ଜାରି ରହିଥାଏ । ସମସ୍ତ ଗଣମାଧ୍ୟମରେ କ୍ରିକେଟ୍ କମେଣ୍ଟ୍ରି ଭଳି ପ୍ରତିରକ୍ଷା ବାହିନୀଙ୍କ କାର୍ଯ୍ୟକଳାପକୁ ସଫଳ ପ୍ରଚାର କରାଚାଲିଥାଏ । ପାକିସ୍ଥାନ ସୀମାକୁ ଲାଗିଥିବା ପଞ୍ଜାବର ୫୫୩ କି.ମି. ଦୀର୍ଘ ଓ ୧୦ କି.ମି. ପ୍ରଶସ୍ତ ଅଞ୍ଚଳରୁ ପଞ୍ଜାବ ବାସୀଙ୍କୁ ତୁରନ୍ତ ଘର ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଉଥାଏ । ଯେହେତୁ ଫସଲ ଅମଳ ସମୟ ଚାଷୀମାନେ ଇଚ୍ଛା ବିରୁଦ୍ଧରେ ଆଖିରେ ଆଖିଏ ଲୁହ ଧରି ଗାଁ ଛାଡୁଥିବାର କରୁଣ ଦୃଶ୍ୟ ଦୂରଦର୍ଶନରେ ଦେଖିବାକୁ ମିଳୁଥାଏ । ଏପଟେ ମହାରାଷ୍ଟ୍ର ନବ ନିର୍ମାଣ ସେନା ପାକିସ୍ଥାନ କଳାକାରଙ୍କୁ ଭାରତ ଛାଡ଼ି ଚାଲିଯିବାକୁ ହୁକୁମ ଜାରି କରୁଥାଏ । ବାତାବରଣକୁ ଦକ୍ଷିଣପନ୍ଥୀ ଶକ୍ତି ଏଭଳି ଉତ୍ତେଜନାପୂର୍ଣ୍ଣ କରି ରଖିଥାଆନ୍ତି ଯେ କୌଣସି ବ୍ୟକ୍ତି ବା ରାଜନୈତିକ ଦଳ ସର୍ଜିକାଲ ଆକ୍ରମଣ ଉପରେ ପ୍ରଶ୍ନ କରିବାକୁ ଭୟ କରୁଥାଆନ୍ତି । ସାମାନ୍ୟ କୌଣସି ମତାମତରେ 'ପାକିସ୍ଥାନୀ', 'ଦେଶଦ୍ରୋହୀ', 'ଦଲାଲ' ଓ ବ୍ୟକ୍ତିଗତ ଆରୋପର ଶିକାର ହେବା ସହିତ ଅଫିସ୍, ଘର, ବ୍ୟକ୍ତି ଉପରେ ଆକ୍ରମଣ କରିବାକୁ ମଧ୍ୟ ପଛାଉନଥାନ୍ତି । ଏପରିକି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ, ସିନେ ନିର୍ମାତା କରଣ ଜୋହର, ତାରକା ସଲମନ ଖାଁ ମଧ୍ୟ ଛାଡ଼ ପାଇନାହାନ୍ତି । ବିଜେପି କର୍ମୀମାନେ ଦେଶତମାମ ପାର୍ଟି ଅଫିସ୍‌ରେ ଏଭଳି ବାଣ ଫଟାଉଥାଆନ୍ତି ସତେଯେମିତି ମୋଦି ବା ବିଜେପି ଦଳ କୌଣସି ସଫଳତା ହାସଲ କରିଛନ୍ତି । ୩୦–୫୦ ଜଣଙ୍କୁ ହତ୍ୟା କରାଯାଇଛି ବୋଲି ଗଣମାଧ୍ୟମରେ ସରକାର ପ୍ରଚାର ଜାରି ରଖିଥିବାବେଳେ ପାକିସ୍ଥାନ ଏହାକୁ ଦୃଢ଼ କଣ୍ଠରେ ଅସ୍ୱୀକାର କରୁଥାଏ । ଜାତିସଂଘର ଦଳ ମଧ୍ୟ କ୍ଷେତ୍ର ତଦାରଖ କରି ଏଭଳି କିଛି ହୋଇନାହିଁ ବୋଲି ଟୀପ୍ପଣୀ ଦେଇଛନ୍ତି । ପ୍ରଥମ ଥର ପାଇଁ ପ୍ରତିରକ୍ଷା ବାହିନୀ ଏଭଳି ସର୍ଜିକାଲ ଆକ୍ରମଣ କରିପାରିଛି ବୋଲି ସରକାର ନିଜର ପାରଦ ବଢ଼ାଉଥିବାବେଳେ ଡି.ଜି.ଏମ୍. ଓ (ଡାଇରେକ୍ଟର ଜେନେରାଲ୍ ମିଲିଟାରୀ ଅପରେସନ) ରଣବୀର ସିଂହଙ୍କ ଗଣମାଧ୍ୟମରେ ସାକ୍ଷାତକାର ସରକାରଙ୍କ ଫୁଟାଣିରେ ଟିକେ ପାଣି ପକାଇଦେଲା ପରି ମନେ ହେଲା । ରଣବୀର ସିଂହ ପ୍ରକାଶ କରିଥିଲେ ଯେ ୨୦୦୭,୨୦୧୧, ୨୦୧୩ରେ ଏହାଠାରୁ ଅଧିକ କ୍ଷମତା ସମ୍ପନ୍ନ ଆକ୍ରମଣ କରାଯାଇଛି । କିନ୍ତୁ ପ୍ରତିରକ୍ଷା ନିୟମ ଅନୁଯାୟୀ ଏହାକୁ ଯଥେଷ୍ଟ ଗୋପନୀୟ ରଖାଯାଇଥାଏ । କିନ୍ତୁ ମୋଦି ସରକାର ପ୍ରଥମଥର ପାଇଁ ଆର୍ମିଟୁଇଟର ନିଯୁକ୍ତ କରି ଗଣମାଧ୍ୟମରେ କଥା ଛାଡ଼ି ସେନାବାହୀନିର ଗୋପନୀୟତା ଉଲଂଘନ କରିଛନ୍ତି । ଡି.ଜି.ଏମ୍.ଓ. ଙ୍କ ସାକ୍ଷାତକାର ପରେ ସମସ୍ତେ ସର୍ଜିକାଲ୍ ଆକ୍ରମଣରେ କରିଥିବା ପ୍ରକୃତ କ୍ଷୟକ୍ଷତି, ଆବଶ୍ୟକତା ଉପରେ ପ୍ରଶ୍ନ କରିଥିଲେ ।

**ଆକ୍ରମଣ ଅନ୍ତରାଳେ :**

ଜାମ୍ମୁ–କାଶ୍ମୀରକୁ ନେଇ ଭାରତ– ପାକିସ୍ଥାନ ସମ୍ପର୍କ ଓ ଉଭୟ ଦେଶର ସୀମାରେ ସୁରକ୍ଷା ବାହିନୀଙ୍କ ଅହରହ ପହରା ବିଷୟରେ ବିଶ୍ୱରେ କାହାକୁ ଅଛପା ନାହିଁ । ପାକିସ୍ଥାନ ସନ୍ତ୍ରାସବାଦକୁ ପ୍ରୋତ୍ସାହନ ଦେବା ଓ ଜାମ୍ମୁକାଶ୍ମୀରରେ ଅସ୍ଥିରତା ସୃଷ୍ଟି କରିବା ମଧ୍ୟ ନୂଆ ଘଟଣା ନୁହେଁ । ଆମ ଗୁଇନ୍ଦା ବିଭାଗର ସତର୍କତା ଅଭାବରୁ ସନ୍ତ୍ରାସବାଦୀମାନେ ଆକ୍ରମଣ କରିବାକୁ ସକ୍ଷମ ହୋଇଛନ୍ତି । ୧୯୯୯ରେ ବାଜପେୟୀଙ୍କ ସମୟରେ କାରଗିଲ, ମୋଦିଙ୍କ ସମୟରେ ୨୦୧୬ ଜାନୁୟାରୀରେ ପଠାନକୋଟ ଓ ସେପ୍ଟେମ୍ବରରେ ଉରିରେ ସନ୍ତ୍ରାସବାଦୀଙ୍କ ଅନୁପ୍ରବେଶ ଓ ଆକ୍ରମଣ ଉଲ୍ଲେଖନୀୟ ଘଟଣା । ମୋଦିଙ୍କ ସମୟରେ ଦୁଇ ଦୁଇଟା ଆକ୍ରମଣ ଯେହେତୁ ପ୍ରତିରକ୍ଷା ବାହିନୀର ବେସ୍ ଉପରେ ହୋଇଛି ତେଣୁ ଗୁଇନ୍ଦା ବିଭାଗର କାର୍ଯ୍ୟକ୍ଷମତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଉରି ଆକ୍ରମଣରେ ୧୯ ଜଣ ଯବାନଙ୍କ ମୃତ୍ୟୁ ପରେ କେନ୍ଦ୍ର ସରକାର ପାକିସ୍ଥାନର ସଂପୃକ୍ତିକୁ ନେଇ ଆନ୍ତର୍ଜାତୀୟ ସମୁଦାୟକୁ ଅବଗତ କରାଇବା, କୁଟନୈତିକ ସ୍ତରରେ ପାକିସ୍ଥାନକୁ ଏକ ଘରିକିଆ କରିବା, ସାର୍କ ସମ୍ମିଳନୀକୁ ବର୍ଜନ କରିବା, ପାକିସ୍ଥାନକୁ ମୋଷ୍ଟ ଫେଭର୍ଡ଼ ନେସନର ମାନ୍ୟତା ପ୍ରତ୍ୟାହାର କରିବା ଆଦି ଘଟଣାରୁ ଭାରତ ସରକାରଙ୍କ ପରିପକ୍ୱତା ଉପଲବ୍ଧି ହୋଇଥିଲା । ତେବେ ହଠାତ୍ ସର୍ଜିକାଲ୍ ଆକ୍ରମଣର ନିଷ୍ପତ୍ତି କେଉଁଠୁ ଆସିଲା ?

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଉରି ଆକ୍ରମଣ ପରେ ଆର୍.ଏସ୍.ଏସ୍. ପାକିସ୍ଥାନ ଉପରେ ଆକ୍ରମଣ କରିବାକୁ ଚାପ ପ୍ରୟୋଗ କରୁଥିବା ଓ ସଂଘ ପରିବାରର ନିର୍ବାଚନ ବିଶେଷଜ୍ଞମାନେ ଯୁଦ୍ଧ ଆଗାମୀ ନିର୍ବାଚନରେ ଦଳକୁ ଫାଇଦା ଦେବ ବୋଲି ମତବ୍ୟକ୍ତ କରିଥିଲେ । ତେବେ ଯେଉଁମାନେ ବିଜେପି ପ୍ରଚାରରେ ଦିଗହରା ହୋଇ ଚିତ୍କାର କରୁଛନ୍ତି 'ନେସନ୍ ଫାଷ୍ଟ୍' ତେବେ ସେମାନଙ୍କୁ ନିଶ୍ଚୟ ଉତ୍ତର ମିଳିସାରିଥିବ ସର୍ଜିକାଲ ଆକ୍ରମଣ କେଉଁ ଉଦ୍ଦେଶ୍ୟରେ କରାଯାଇଛି । ତେବେ କ'ଣ ଆଗାମୀ ରାଜ୍ୟ ନିର୍ବାଚନକୁ – ପଞ୍ଜାବ, ଉତ୍ତର ପ୍ରଦେଶ, ଗୁଜୁରାଟ୍, ଗୋଆ ସମ୍ମୁଖୀନ ହେବାକୁ ମୋଦି ସରକାର ଭୟ କରୁଛନ୍ତି ? ଏଠାରେ ଉଲ୍ଲେଖନୀୟ ଯେ ବିଜେପି ତା'ର ଜନ୍ମ ଲଗ୍ନଠାରୁ ମୁସଲମାନ ବିରୋଧୀ ସ୍ଲୋଗାନ୍, ରାମ ମନ୍ଦିର, ୩୭୦ ଧାରା, ୟୁନିଫର୍ମ ସିଭିଲ୍ କୋର୍ଡ଼ ଭଳି ସ୍ୱର୍ଶକାତର ଓ ଉତ୍ତେଜନାପୂର୍ଣ୍ଣ ପ୍ରସଙ୍ଗକୁ ନେଇ ରାଜନୀତି କରିଛି । ଲୋକେ ଯେହେତୁ ଏ କଥାରେ ଆଉ ଢଳୁନାହାନ୍ତି ୨୦୧୪ ସାଧାରଣ ନିର୍ବାଚନରେ ମୋଦି ବିକାଶର ସ୍ଲୋଗାନ୍ ନେଇ ଅବତୀର୍ଣ୍ଣ ହେଲେ ଓ ଜିତାପଟ ମଧ୍ୟ ନେଲେ । ଯେଭଳି କଥାରେ ଅଛି 'ଲଙ୍କାରେ ଯେତେକ ଜନମ – ବାନର ସ୍ୱଭାବ' ସେହିଭଳି ସ୍ଲୋଗାନ୍ ସିନା ଦେଇ ଦେଲେ ଦୀର୍ଘ ଅଢ଼େଇ ବର୍ଷ ପରେ ଲୋକଙ୍କ ଅବସ୍ଥା ସୁଧୁରିବ କ'ଣ ଅଧିକ ବିଷମ ହୋଇଛି । ମୁଦ୍ରାସ୍ଫୀତି ଆଜି ଭୟଙ୍କର ସ୍ଥିତିରେ । ଆଜି ଖାଦ୍ୟଭାବରୁ ୧୫.୨% ଦେଶବାସୀ ଅପପୁଷ୍ଟିର ଶିକାର ହୋଇଥିବା ବେଳେ ୩୮.୭% ପାଞ୍ଚ ବର୍ଷରୁ କମ୍ ବୟସ୍କ ଶିଶୁଙ୍କ ଓଜନ ଅତ୍ୟନ୍ତ ଉଦ୍‌ବେଗ ଜନକ । ୱାଶିଂଟନ ସ୍ଥିତ ଇଣ୍ଟରନ୍ୟାସନାଲ୍ ଫୁଡ୍ ପଲିସି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ୨୦୧୬ ତଥ୍ୟ ଅନୁଯାୟୀ କ୍ଷୁଧା ରୋକିବାରେ ୧୧୮ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୯୭ । ମାତୃ ମୃତ୍ୟୁହାର ନାଇଜେରିଆ ପରେ ଭାରତର ସ୍ଥାନ ସର୍ବାଧିକ (୪୫,୦୦୦) । ଦେଶର ଧନୀକ ୧% ବ୍ୟକ୍ତିଙ୍କ ପାଖରେ ୨୦୦୦ରେ ଦେଶର ୩୬.୮% ସଂପଦ ଗଚ୍ଛିତ ଥିବାବେଳେ ତାହା ଏବେ ୫୩%କୁ ବୃଦ୍ଧି

**Automobile, Power and Pharma** ସେକ୍ଟରରେ କେବଳ ୧୪% । କିନ୍ତୁ ୨୦୧୪-୧୫ ଆର୍ଥିକ ବର୍ଷରେ **Service, Computer** କ୍ଷେତ୍ରରେ ବିଦେଶୀ ପୁଞ୍ଜି ସମସ୍ତ ପୁଞ୍ଜିର ୩୦% ଆସିଥିବା ବେଳେ **Manufacturing Sector (Auto, Power ଓ Pharma)** କ୍ଷେତ୍ରରେ ୨୧% ଥିଲା । ଅର୍ଥାତ୍ ବିଗତବର୍ଷ ବିଦେଶୀ ପୁଞ୍ଜି ପାଇଁ ବହୁମାତ୍ରାରେ କୋହଳ ନୀତି ଅବଲମ୍ବନ କରିବା ସତ୍ତ୍ୱେ ଏହାର ପରିମାଣ ସଂକୁଚିତ ହୋଇଛି ।

୨୦୧୫-୧୬ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ପ୍ରାୟ ୨୬ ଦେଶକୁ ଗ୍ରସ୍ତ କରିଥିଲେ ଏବଂ ବିଭିନ୍ନ ଦେଶର **CEO** ସାଙ୍ଗରେ ମଧ୍ୟ ଆଲୋଚନା କରିଥିଲେ କିନ୍ତୁ ଉତ୍ପାଦନ କ୍ଷେତ୍ରରେ ସେପରି ବିଶେଷ କିଛି ପୁଞ୍ଜି ବିନିଯୋଗ ଘଟି ନାହିଁ । **RTI** ରୁ ମିଳିଥିବା ତଥ୍ୟ ଅନୁସାରେ ବିଗତବର୍ଷ ପ୍ରଧାନମନ୍ତ୍ରୀ ତାଙ୍କର ବିଦେଶ ଭ୍ରମଣରେ ଭାରତ ସରକାରଙ୍କର ପ୍ରାୟ ୪୧.୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । କିନ୍ତୁ **'Make in India'** ପାଇଁ ଆହ୍ୱାନର କିଛି ବିଶେଷ ଫଳ ପରିଲକ୍ଷିତ ହୋଇନାହିଁ । କୋହଳ ଅର୍ଥନୀତି ଯୋଗୁଁ ସେବା କ୍ଷେତ୍ରରେ କାର୍ଯ୍ୟରତ **Amazon, Snapdeal, Flipkart, Uber, Ola** ଭଳିଆ କମ୍ପାନୀମାନେ ବିଦେଶୀ ପୁଞ୍ଜିର ପରିମାଣ ବୃଦ୍ଧି କରିଛନ୍ତି କିନ୍ତୁ ଉତ୍ପାଦନ କ୍ଷେତ୍ର ଯେଉଁ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି ହୁଏ ସେଠି ବିଗତ ଏକ ଦଶନ୍ଧି ଧରି ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିର ପରିମାଣ ସ୍ଥିର ରହିଛି ।

ବିଦେଶୀପୁଞ୍ଜି ଭାରତବର୍ଷର ଉତ୍ପାଦନ କ୍ଷେତ୍ରରେ ନିବେଶ ନ କରିବାର ମୁଖ୍ୟ କାରଣ ହେଉଛି, ଭାରତବର୍ଷର ଭିତ୍ତିଭୂମି, **Tax Structure**, ଜମି ଅଧିଗ୍ରହଣ ସୁବିଧା ଏବଂ ଶ୍ରମିକ ସମ୍ବନ୍ଧୀୟ ନିୟମ ବିଦେଶୀ ପୁଞ୍ଜିପତିମାନଙ୍କ ପାଇଁ ଅନ୍ୟ ଦେଶ ତୁଳନାରେ ଅନୁକୂଳ ନୁହେଁ । ବିଦେଶୀ ପୁଞ୍ଜି ସର୍ବଦା ଲାଭ ହାସଲ କରିବାର ସୁଯୋଗ ଖୋଜିଥାଏ । ବିଶ୍ୱ ବ୍ୟାଙ୍କର ରିପୋର୍ଟରେ ପ୍ରକାଶିତ **''Ease-of-doing Business''** ସୂଚନାଙ୍କରେ ୧୮୯ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୧୩୪ରେ ତେଣୁ ଯେଉଁ ଦେଶରେ ପୁଞ୍ଜି ବେଶୀ ଲାଭବାନ ହୋଇପାରିବ ସେଠାକୁ ଯିବା ପାଇଁ ପୁଞ୍ଜି ଉପକ୍ରମ କରିଥାଏ । ୨୦୧୪ ମସିହାରେ ଚେନ୍ନାଇର ଶ୍ରୀପେରୁମ୍ବେଦୁର ଠାରେ ଥିବା **NOKIA** କମ୍ପାନୀର କାରଖାନା ବନ୍ଦ ହୋଇ ଉତ୍ପାଦନ ପ୍ରକ୍ରିୟା ଭିଏତ୍‌ନାମ୍‌କୁ ସ୍ଥାନାନ୍ତରିତ ହୋଇଯାଇଛି । ୨୦୦୫ ମସିହାରେ ଏହି ଆମେରିକିୟ କମ୍ପାନୀ ଚେନ୍ନାଇରେ ବ୍ୟବସାୟ ଆରମ୍ଭ କରିଥିଲା ଏବଂ ବର୍ଷକୁ ପ୍ରାୟ ୬.୫ ଲକ୍ଷ ମୋବାଇଲ୍ ସେଟ୍ ଉତ୍ପାଦନ କରିବା ସହିତ ଭାରତ ବର୍ଷରେ ୮୦% ମାର୍କେଟ୍ ସେୟାର ଅକ୍ତିଆର କରିଥିଲା, ଏହି କମ୍ପାନୀ ତାମିଲ୍‌ନାଡୁ ସରକାରଠାରୁ ବହୁ ମାତ୍ରାରେ କର ଛାଡ଼ ପାଉଥିଲା । କିନ୍ତୁ ଭିଏତ୍‌ନାମର ହାନୋଇରେ ଏହି କମ୍ପାନୀକୁ ଅଧିକ ଶସ୍ତାରେ ଶ୍ରମିକ ଓ କରଛାଡ଼ ଉପଲବ୍ଧ ହେବାରୁ ଭାରତଛାଡ଼ି ହାନୋଇକୁ ସ୍ଥାନାନ୍ତରିତ ହୋଇଯାଇଛି । ଏହା ଦ୍ୱାରା ଏହି କମ୍ପାନୀର କାର୍ଯ୍ୟରତ ଶ୍ରମିକମାନେ ଛଟେଇ ହୋଇ ବେକାର ହୋଇଛନ୍ତି । ତେଣୁ ବିଦେଶୀ ପୁଞ୍ଜି କେବେବି ସମ୍ପୂର୍ଣ୍ଣ ରୂପେ ବିଶ୍ୱାସ ଯୋଗ୍ୟ ନୁହେଁ ।

ଫ୍ରାନ୍ସର ବିଶିଷ୍ଟ ଅର୍ଥନୀତିଜ୍ଞ ଥୋମାସ୍ ପିକେଟି ତାଙ୍କର ପୁସ୍ତକ **''Capital in Twenty-First Century''**ରେ ଏହି ବିଷୟରେ ଆଲୋଚନା କରିଛନ୍ତି । ତାଙ୍କ ମତରେ ବିଦେଶୀ ପୁଞ୍ଜି ପାଇଁ ଦେଶମାନଙ୍କ ମଧ୍ୟରେ ଚାଲିଥିବା ପ୍ରତିଯୋଗୀତା ଯୋଗୁଁ ଦେଶ ମଧ୍ୟରେ ବହୁମାତ୍ରାରେ ଆର୍ଥିକ ବୈଷମ୍ୟତା ସୃଷ୍ଟି ହେଉଛି । ଗରୀବମାନଙ୍କର ସଂଖ୍ୟା ବୃଦ୍ଧିହେବା ସହିତ ଧନୀମାନଙ୍କର ସମ୍ପତ୍ତିରେ ବୃଦ୍ଧି ଘଟୁଛି । ଭାରତବର୍ଷର ପୂର୍ବତନ ରିଜର୍ଭବ୍ୟାଙ୍କ୍‌ର ଗଭର୍ଣ୍ଣର ରଘୁରାମ ରାଜନଙ୍କର ମତରେ ସାରା ବିଶ୍ୱର ଅର୍ଥନୈତିକ ପରିସ୍ଥିତି ମାନ୍ଦାଅବସ୍ଥା ଦେଇ ଗତି କରୁଥିବା ସମୟରେ କେବଳ ରପ୍ତାନୀଭିତ୍ତିକ ଅର୍ଥନୀତି ଦେଶ ପାଇଁ ଘୋର ବିପଦ ସୃଷ୍ଟି କରିପାରେ । ତେଣୁ ଆମ ନିଜ ଦେଶରେ ନିଜର ବଜାର ସୃଷ୍ଟି କରିବା ଦରକାର । ଦେଶ ମଧ୍ୟରେ ପୁଞ୍ଜି ଲଗାଣ ବୃଦ୍ଧି କରି ତାର ଉପଯୋଗ ଦେଶରେ ହେଲେ କାରଖାନା ଗୁଡ଼ିକର ସ୍ଥାୟୀ ନିଯୁକ୍ତି ସୃଷ୍ଟି ହୋଇ ପାରିବ। **FDI** ସବୁବେଳେ ଲାଭ ଅନୁସନ୍ଧାନରେ ରହେ ନିଯୁକ୍ତି ପ୍ରଦାନ ତାର ଲକ୍ଷ୍ୟ ନୁହେଁ । ଜାନୁୟାରୀ ୨୦୧୬ରେ ଆମେରିକାର ରାଷ୍ଟ୍ରଦୂତ ରିଚାର୍ଡ଼ ବର୍ମା ଓଡ଼ିଶା ଆସିଥିଲେ । ଆମେରିକା ବିଭିନ୍ନ ଦେଶରେ ପୁଞ୍ଜି ବିନିଯୋଗ କରିବାର ପ୍ରକ୍ରିୟା ଜାରି ରଖିଛି । ଏବଂ ପୁଞ୍ଜି ପାଇବାକୁ ପାଇହେଲେ ଓଡ଼ିଶାକୁ ଅନ୍ୟ ରାଜ୍ୟ ତଥା ସିଙ୍ଗାପୁର ଭଳିଆ ଦେଶ ସହିତ ପ୍ରତିଯୋଗିତା କରିବା ପାଇଁ ପଡ଼ିବ । ଅନ୍ୟ ରାଜ୍ୟ ଭଳିଆ ଯଦି ବିଦେଶୀ କର୍ପୋରେଟ୍‌ମାନଙ୍କୁ ଶସ୍ତାରେ ଜମି ଓ ଶ୍ରମିକ ଯୋଗାଇ ଦିଆଯିବ ତେବେ ସେମାନେ ଓଡ଼ିଶାରେ ପୁଞ୍ଜି ବିନିଯୋଗ କରିବେ । ବର୍ତ୍ତମାନ ମୁମ୍ବାଇ ଓ ଦିଲ୍ଲୀ ୫୦% ବିଦେଶୀ ପୁଞ୍ଜି ପାଉଥିବାବେଳେ ଓଡ଼ିଶାକୁ କେବଳ ଏକ ପ୍ରତିଶତ ପୁଞ୍ଜି ଆସୁଛି । ତେଣୁ ଓଡ଼ିଶାରୁ ବହୁ ମାତ୍ରାରେ ଶ୍ରମିକ ଅନ୍ୟ ରାଜ୍ୟକୁ ସ୍ଥାନାନ୍ତରିତ ହେଉଛନ୍ତି । ତେଣୁ ବିଦେଶୀ ପୁଞ୍ଜିକୁ ଅକ୍ତିଆର କରିବାକୁ ହେଲେ କର୍ପୋରେଟ୍ ପ୍ରୀତି ଜାଗ୍ରତ କରିବାକୁ ପଡ଼ିବ । **''Come Make in India''**ର ଆହ୍ୱାନରେ ସେମାନେ ପୁଞ୍ଜି ନିବେଶ କରିବେ ନାହିଁ ।

ବିଦେଶୀ ପୁଞ୍ଜି ହୁଏତ କିଛି ଦିନ ପାଇଁ କିଛି ନିଯୁକ୍ତି ସୃଷ୍ଟି କରି ପାରେ, କିନ୍ତୁ ଏହା ସ୍ଥାୟୀ ନୁହେଁ । ବିଶ୍ୱରେ ଆର୍ଥିକ ପରିସ୍ଥିତି ମାନ୍ଦା ହେବାରେ ଲାଗିଛି । ୧୯୭୦ ରୁ ୧୯୯୦ ପର୍ଯ୍ୟନ୍ତ ଥିବା ଆର୍ଥିକ ଅବସ୍ଥା ପ୍ରାୟ କୌଣସି ଦେଶରେ ନାହିଁ । ତେଣୁ ରପ୍ତାନୀ ଭିତ୍ତିକ ଅର୍ଥନୀତି ଉପରେ ବିଶ୍ୱାସ କରିବା ଠିକ୍ ନୁହେଁ । ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବାର ଦାୟିତ୍ୱ ବିଦେଶୀ କର୍ପୋରେଟ୍‌ମାନଙ୍କ ହାତକୁ ସମର୍ପି ନ ଦେଇ ସରକାର ନିଯୁକ୍ତି ସୃଷ୍ଟି କରିବା ପାଇଁ ସରକାରୀ ନିବେଶକୁ ବୃଦ୍ଧି କରିବାକୁ ପଡ଼ିବ । ବିଶେଷ କରି ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ନିବେଶ ବୃଦ୍ଧି କରିବା ସହ କୃଷି ଉପରେ ମଧ୍ୟ ଧ୍ୟାନ ଦେବା ଦରକାର । ପୁଞ୍ଜିପତିମାନଙ୍କୁ କରଛାଡ଼ ନ କରି କୃଷିଭିତ୍ତିକ ଉପକରଣ ଓ ସାରରେ ସବ୍‌ସିଡ଼ି ଦେବାକୁ ପଡ଼ିବ । ସର୍ବୋପରି ଭିତ୍ତିଭୂମି ଯଥା ସଡ଼କ, ପରିବହନ, ଇନ୍ଧନ ଏବଂ କାରଖାନା ପାଇଁ ଜମିର ସୁବିଧା କଲେ ଦେଶ ମଧ୍ୟରେ ନିଶ୍ଚିତରୂପେ ଉଦ୍ୟୋଗକାରୀ ସୃଷ୍ଟି ହେବେ, ଏବଂ ଶିଳ୍ପପ୍ରତିଷ୍ଠାନ ସୃଷ୍ଟି ହେବାର ସୁଯୋଗ ତିଆରି ହେବ । ଏହି ଶିଳ୍ପ ପ୍ରତିଷ୍ଠା ହେଲେ ସ୍ଥାନାନ୍ତରିତ ହେବାର ଭୟ ରହିବ ନାହିଁ । ଶ୍ରମିକ ଛଟେଇ ମଧ୍ୟ ହେବ ନାହିଁ ।

ତେଣୁ, **''Make in India''** ର ସଫଳତା ଏକ ଭ୍ରମ ସଦୃଶ୍ୟ ଓ ସଫଳତାଠାରୁ ଅନେକ ଦୂରରେ ।

❖ ❖ ❖



# ମେକ୍ ଇନ୍ ଇଣ୍ଡିଆ ସଫଳତାରୁ ବହୁ ଦୂରରେ

ରାଜୀବ ଲୋଚନ ଦାଶ
ସଭାପତି, SDLIEA, ସମ୍ବଲପୁର

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂତନ ଭାବେ ଶାସନ ଭାର ଗ୍ରହଣ କଲା ପରେ ଦେଶର ୬୮ ତମ ସ୍ୱାଧିନତା ଦିବସ ଅବସରରେ ଲାଲକିଲ୍ଲାରୁ ପୃଥିବୀର ବିଶିଷ୍ଟ କର୍ପୋରେଟ୍‌ମାନଙ୍କୁ ଭାରତବର୍ଷରେ ପ୍ରତ୍ୟକ୍ଷ ପୁଞ୍ଜି ବିନିଯୋଗ କରି ଶିଳ୍ପ ଅନୁଷ୍ଠାନ ପ୍ରତିଷ୍ଠା କରିବା ପାଇଁ ଆହ୍ୱାନ କରି କହିଲେ, ''Come Make in India'' । ଶିଳ୍ପ ପ୍ରତିଷ୍ଠା ପାଇଁ ଆମ ଦେଶ ଆଗକୁ ସମସ୍ତ ପ୍ରକାର ସୁବିଧା, ସୁଯୋଗ ଯୋଗାଇ ଦେବା ପାଇଁ ରାଜି ଅଛି । ଉତ୍ପାଦନ କରି ସାରିବା ପରେ ଉତ୍ପାଦିତ ବସ୍ତୁକୁ ଯେକୌଣସି ଦେଶକୁ ରପ୍ତାନୀ କରି ପାରିବ । ଆମ ଦେଶରେ ଉତ୍ପାଦନ କରିବା ପାଇଁ ପୁଞ୍ଜି ବ୍ୟତୀତ ସମସ୍ତ କ୍ଷମତା ରହିଛି । ତେଣୁ ପୁଞ୍ଜି ନିବେଶ ପାଇଁ ସମସ୍ତ କର୍ପୋରେଟ୍ ଜଗତ ଭାରତକୁ ହିଁ ଆସିବା ଦରକାର ।

ପ୍ରଧାନମନ୍ତ୍ରୀଙ୍କର ''Make in India'' ର କଳ୍ପନା ହେଉଛି ବିଦେଶୀ ପୁଞ୍ଜିକୁ ଆମନ୍ତ୍ରଣ କରିବାର ଏକ ପ୍ରଚାର ଅଭିଯାନ । ବିଦେଶୀ ପୁଞ୍ଜି (FDI) ଜରିଆରେ ଦେଶ ମଧ୍ୟରେ ଉତ୍ପାଦନ କ୍ଷମ କାରଖାନା (Manufacturing Unit) ଖୋଲି ବେକାରୀ ଯୁବକ ଯୁବତୀଙ୍କୁ ଚାକିରୀ ପ୍ରଦାନ କରିବା ସହ ଶିଳ୍ପ ପ୍ରତିଷ୍ଠାରେ ପ୍ରୋତ୍ସାହନ ପ୍ରଦାନ କରିବା ହେଉଛି ତାଙ୍କର ଲକ୍ଷ୍ୟ । ଦେଶର ବିଭିନ୍ନ କ୍ଷେତ୍ର, ଯଥା – Civil Aviation, Telecom, Defence, Pharmaceutical, Air Port ଏବଂ Cable TV ଭଳିଆ କ୍ଷେତ୍ରରେ ବିଦେଶୀ ପୁଞ୍ଜି ପ୍ରତ୍ୟକ୍ଷ ଭାବରେ ଆସିବା ଦ୍ୱାରା ବେକାରୀ ସମସ୍ୟାର ସମାଧାନ ଘଟିବ ଏବଂ ଦକ୍ଷ ଶ୍ରମିକ ସୃଷ୍ଟି କରାଯାଇ ପାରିବ ।

ଉଦ୍ଦେଶ୍ୟ ମହତ୍ ଥିଲେ ମଧ୍ୟ ଭାରତବର୍ଷ ଭଳିଆ ଦେଶରେ FDI ବା ବିଦେଶୀ ପୁଞ୍ଜି ଏହି ସମସ୍ୟାର ସମାଧାନ କରି ପାରିବ ନା ନାହିଁ – ମନରେ ଅନେକ ଆଶଙ୍କା ସୃଷ୍ଟି କରେ ।

ଏହି ଅଭିଯାନର ଲକ୍ଷ୍ୟ ହେଉଛି ଉତ୍ପାଦନ କ୍ଷେତ୍ରର (Manufacturing Sector) ଅଂଶ ୨୦୨୨ ସୁଦ୍ଧା ଜିଡ଼ିପିର ୨୫ ପ୍ରତିଶତକୁ ବୃଦ୍ଧି ପାଇବା ଦରକାର ଏବଂ ଏହି କ୍ଷେତ୍ରରେ ଚାକିରୀର ସୁଯୋଗ ଭାରତବର୍ଷରେ ୧୦୦ ମିଲିୟନ ଯୁବକ ଯୁବତୀଙ୍କୁ ମିଳିବା ସହିତ ଭାରତବର୍ଷର ଜିଡ଼ିପିର ଅଭିବୃଦ୍ଧି ତ୍ୱରାନ୍ୱିତ ହେବା । ଏହି ଲକ୍ଷ୍ୟ ନେଇ ''ମେକ୍ ଇନ୍ ଇଣ୍ଡିଆ'' ପ୍ରୋଜେକ୍ଟ ୨୫ ସେପ୍ଟେମ୍ବର ୨୦୧୪ରେ ବିଜ୍ଞାନ ଭବନରେ ଆରମ୍ଭ କରାଯାଇଥିଲା । ଏହି Project ର ପ୍ରତୀକ ହିସାବରେ ଏକ ଯାନ୍ତ୍ରିକ ସିଂହର ଚିତ୍ର ରଖା ଯାଇଛି । ଏହି ଲକ୍ଷ୍ୟକୁ ପୂରଣ କରିବାକୁ ଯାଇ ଦେଶର ଅର୍ଥନୀତିକୁ ବିଦେଶୀ ପୁଞ୍ଜି ପାଇଁ କୋହଳରୁ କୋହଳତର କରାଯାଇଛି । ପ୍ରାୟ ୨୫ଟି କ୍ଷେତ୍ରରେ ବିଦେଶୀ ପୁଞ୍ଜିସୀମା ବୃଦ୍ଧି କରିବା ପ୍ରସ୍ତାବ ରଖାଯାଇଛି । ଏହି ସବୁ ୨୫ଟି କ୍ଷେତ୍ର, ଯଥା – Automobile, Civil Aviation Telecome, Food Industry, Pharmaceuticals, Airport, ସହ Defence ଓ Railway ଭଳିଆ ସଂସ୍ଥାକୁ ମଧ୍ୟ ବିଦେଶୀ ପୁଞ୍ଜି ହାତରେ ଟେକିଦେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ବିଦେଶୀ ପୁଞ୍ଜିର ପରିମାଣକୁ ୪୯% ରୁ ୧୦୦% ପର୍ଯ୍ୟନ୍ତ ବୃଦ୍ଧି କରିବା ସହ କର୍ପୋରେଟ୍‌ମାନଙ୍କୁ ବିପୁଳ ମାତ୍ରାରେ କର ଛାଡ଼ କରିବାର ପ୍ରତିଶ୍ରୁତି ସରକାର ପ୍ରଦାନ କରିଛନ୍ତି । ବିଭିନ୍ନ ଦେଶ ବୁଲି ପ୍ରଧାନମନ୍ତ୍ରୀ ବଡ଼ ବଡ଼ କମ୍ପାନୀମାନଙ୍କର CEO ମାନଙ୍କୁ ଭେଟିବା ସହ ସେମାନଙ୍କୁ ଭାରତବର୍ଷରେ ବ୍ୟବସାୟ କରବା ପାଇଁ ଅନୁରୋଧ କରୁଛନ୍ତି ।

'Make in India' ର ଦ୍ୱାହି ଦେଇ ସରକାର ବାଣିଜ୍ୟ ନୀତିକୁ ସମ୍ପୂର୍ଣ୍ଣ ରୂପେ କୋହଳ କରିବା ଦ୍ୱାରା ବିଦେଶୀ ପୁଞ୍ଜିର ପରିମାଣରେ ବୃଦ୍ଧି ଘଟିଛି । Economic Survey Report ମୁତାବକ FDIର ପରିମାଣ ୨୦୧୫–୨୦୧୬ ଆର୍ଥିକ ବର୍ଷରେ ପୂର୍ବ ବର୍ଷ ଅପେକ୍ଷା ୨୭% ବୃଦ୍ଧି ପାଇ 45 Billion Dollar ରେ ପହଞ୍ଚିଛି । କିନ୍ତୁ ଏହାଦ୍ୱାରା ସରକାରଙ୍କ ଉଦ୍ଦେଶ୍ୟ ପୂରଣ ହୋଇଛି କି ?

'Make in India' ର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ଉତ୍ପାଦନ କ୍ଷେତ୍ରରେ (Manufacturing Sector) ବିଦେଶୀ ପୁଞ୍ଜିନିବେଶ ଏବଂ ଏହା ଦ୍ୱାରା କର୍ମ ନିଯୁକ୍ତି ସୃଷ୍ଟି । ଯାହାକି ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଛି । ଉତ୍ପାଦନ କ୍ଷେତ୍ରରେ ଦେଶ ମଧ୍ୟକୁ ବିଦେଶୀ ପୁଞ୍ଜି ଆସିନାହିଁ ।

ଡି.ଆଇ.ପି.ପି. (Department of Industry Policy Promotion Board) ଦ୍ୱାରା ପ୍ରକାଶିତ କିଛି ତଥ୍ୟ ନିମ୍ନରେ ପ୍ରଦାନ କରାଗଲା ।

| FDI ବିଦେଶୀ ପୁଞ୍ଜି | 2014-15 ଆର୍ଥିକ ବର୍ଷରେ ବିଦେଶୀ ପୁଞ୍ଜିର ପରିମାଣ (ମିଲିୟନ ଡଲାରରେ) | 2015-16 ଆର୍ଥିକ ବର୍ଷରେ ବିଦେଶୀ ପୁଞ୍ଜିର ପରିମାଣ (ମିଲିୟନ ଡଲାରରେ) |
|---|---|---|
| 1. Service Sector (Insurance/Banking Financial Service) | → 443 → | 6899 |
| 2. Computer Software and Hardware | → 2296 → | 5904 |
| 3. Trading | → 2728 → | 3845 |
| 4. Automobile | → 2726 → | 2527 |
| 5. Hotel and Tourism | → 777 → | 1333 |
| 6. Chemical (Except Fertilizer) | → 763 → | 1470 |
| 7. Telecom | → 2895 → | 1324 |
| 8. Power | → 709 → | 869 |
| 9. Drugs / Pharma | → 1498 → | 754 |
| 10. Construction & Development | → 768 → | 113 |

ଉପରୋକ୍ତ ତଥ୍ୟରୁ ଜଣାଯାଏ ଯେ, ୨୦୧୫–୧୬ ଆର୍ଥିକ ବର୍ଷରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶରେ ଯେଉଁ ବୃଦ୍ଧି ଘଟିଛି ତାହା କେବଳ Service, Computer Software କ୍ଷେତ୍ରରେ ହୋଇଥିବା ପୁଞ୍ଜି ଲଗାଣ ପାଇଁ । ଏହି କ୍ଷେତ୍ରରେ ବିଦେଶୀ ପୁଞ୍ଜିର ପରିମାଣ ୪୧.୫% ଥିବା ବେଳେ

ଅବଶିଷ୍ଟାଂଶ ୧୧ ପୃଷ୍ଠାରେ

Printed & Published by **Golak Bihari Maharaj**, C/o. - LICI , D.O. , Cuttack - 1 for Bima Karmachari
at Bani Press , Cuttack - 8 , Editor - **Santosh Kumar Mohapatra, Mob. : 9437208762, E-mail :skmohapatra67@gmail.com**